କୋଶଲ ସମ୍ବାଦ

କୋଶଲର ସ୍ୱର, ଜନତାର ସମ୍ବାଦ

Koshalsambada.In / epaper
RNI REGD NO- ORORI/26A4694

ଦୈନିକ ଓଡ଼ିଆ ଖବର କାଗଜ

Koshalsambada.In / epaper
KOSHAL SAMBAD- Daily News Paper

Vol- 01 ■ No-49, Saturday 21 November 2026 ■ 4 pages : Rs. 2/ - ■ ପ୍ରଥମ ବର୍ଷ, ସଂଖ୍ୟା-୪୯ ■ ଶନିବାର ୨୧ ନଭେମ୍ବର ୨୦୨୬■ ୪ ପୃଷ୍ଠା: ମୂଲ୍ୟ ୨/-ଟଙ୍କା

ଅର୍ଣ୍ଣବ, ମୁରାସୁ ପରେ ଅକଭାନ୍ : ଫସଲ ଉଜାଡ଼ି ଚାଷୀଙ୍କ ଅଶ୍ରା ଭାଙ୍ଗିଦେଲା ବନ୍ୟା, ଅମଳ ପୂର୍ବରୁ ବିଲରେ ଶୋଇଲା ପାଚିଲା ଧାନ



ଭୁବନେଶ୍ୱର: ଯାଜପୁର ଜିଲ୍ଲା କୋରେଇ ବ୍ଲକ ତଣ୍ଡରା ଗ୍ରାମର ଚାଷୀ ବସନ୍ତ କୁମାର ସ୍ୱାଇଁ ୯ ଏକର ଜମିରେ ଧାନ ଚାଷ କରିଥିଲେ। ସମବାୟ ସମିତିରୁ ଲକ୍ଷେ ଟଙ୍କା ଋଣ ଆଣିଥିଲେ । ଆଶା ଥିଲା ଅମଳ ପରେ ଧାନ ବିକି ଋଣ ଶୁଝିବେ । ବର୍ଷ ଯାକ ଚଳିବା ପାଇଁ ଖାଦ୍ୟ ସହ ଖର୍ଚ୍ଚ ବି ଯୋଗାଡ଼ କରିବେ । ଏବେ ଅମଳ ବେଳେ ଅଦିନିଆ ବର୍ଷା ଯୋଗୁ ପାଚିଲା ଧାନ ପାଣିରେ ବୁଡ଼ିଛି । ଧାନ ଗଜା ହୋଇଯିବା ସମ୍ଭାବନା ନେଇ ବସନ୍ତ ଧାନ ବିଲକୁ ଦେଖି ମୁଣ୍ଡରେ ହାତ ଦେଇ ବସିଛନ୍ତି । ଗଞ୍ଜାମ ଜିଲ୍ଲା ଆସିବା ବ୍ଲକର ଭୀମସେନ ଦଳେଇ ଧାର କରଜ କରି ୫ ଏକର ଜମିରେ ଧାନ ସହ ପନିପରିବା ବି ଚାଷ କରିଥିଲେ । ଚଳିତବର୍ଷ ଲଗାତର ବାତ୍ୟା, ବର୍ଷା ଓ ଚାଷ ଜମିରେ ପାଣି ଜମି ରହିବା ଯୋଗୁଁ ଫସଲ ନଷ୍ଟ ହୋଇଛି । ସେ କେମିତି ବର୍ଷ ଯାକ ପରିବାର ପୋଷଣ କରିବେ, ସେ ନେଇ ଚିନ୍ତାରେ ପଡ଼ିଛନ୍ତି । ଏମିତି ଜଣେ କି ଦୁଇ ଜଣ ଚାଷୀ ନୁହନ୍ତି, ସାରା ରାଜ୍ୟର ବିଭିନ୍ନ ଜିଲ୍ଲାରେ ଚାଷୀଙ୍କ ଚିନ୍ତାଜନକ ସ୍ଥିତି ଦେଖିବାକୁ ମିଳିଛି। ଗଞ୍ଜାମ ଜିଲ୍ଲାରେ ଓର୍ଣ୍ଣାବ ପ୍ରଭାବରେ ହୋଇଥିବା ବନ୍ୟାରେ ୭୭ ହଜାର ହେକ୍ଟର ଜମିରେ ଧାନଚାଷ କ୍ଷତିଗ୍ରସ୍ତ ହୋଇଥିଲା । ଏବେ ଅମଳ ସମୟରେ ପୁଣି ଏକ ବାତ୍ୟା ଓ ବର୍ଷା ଜିଲ୍ଲାରେ ଲକ୍ଷାଧିକ ହେକ୍ଟର ଧାନବିଲରେ ବର୍ଷା ପାଣି ଲହଡ଼ି ଭାଙ୍ଗୁଛି । ଜିଲ୍ଲାରେ ୨ ଲକ୍ଷ ୧୮ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଥିବେଳେ ୧୫ ଦିନ ବ୍ୟବଧାନରେ ଦୁଇଟି ପ୍ରାକୃତିକ ଦୁର୍ବିପାକ ସବୁ ଉଜାଡ଼ିଦେଇଛି । ଯାଜପୁର ଜିଲ୍ଲାରେ ୧ ଲକ୍ଷ ୯ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଛି । ସେଥିରୁ ପ୍ରାୟ ୬୦ ହଜାର ହେକ୍ଟର ଜମିର ଧାନ ଅମଳଯୋଗ୍ୟ ହୋଇ ସାରିଲାଣି । ହେଲେ ବରୀ, ଧର୍ମଶାଳା, ବଡ଼ଚଣା, ରସୁଲପୁର, ବି°ଝାରପୁର ଆଦି ବ୍ଲକରେ

(ଅବଶିଷ୍ଟାଂଶ ପୃଷ୍ଠା-୩ରେ)

ସମ୍ବଲପୁରରେ ମସଲା ଚାଷକୁ ମିଳିବ ନୂଆ ପ୍ରୋତ୍ସାହନ

ଚାଷୀଙ୍କ ଆୟ ବୃଦ୍ଧି ଓ କୃଷିକୁ ଲାଭଜନକ କରିବା ଲକ୍ଷ୍ୟ, ମସଲା ଉତ୍ପାଦନ ଓ ବଜାର ସଂଯୋଗ ଉପରେ ଗୁରୁତ୍ୱ



ସମ୍ବଲପୁର: ପଶ୍ଚିମ ଓଡ଼ିଶାର କୃଷି କ୍ଷେତ୍ରକୁ ଅଧିକ ସମୃଦ୍ଧ କରିବା ସହ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ମସଲା ଚାଷକୁ ଏକ ନୂଆ ସମ୍ଭାବନା ଭାବେ ଦେଖାଯାଉଛି । ସମ୍ବଲପୁର ଅଞ୍ଚଳରେ ହଳଦୀ, ଅଦା, ଲଙ୍କା, ଧନିଆ ଓ ଅନ୍ୟାନ୍ୟ ମସଲା ଜାତୀୟ ଫସଲ ଚାଷକୁ ବ୍ୟାପକ କରିବା ପାଇଁ ଯୋଜନା ଓ ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦିଆଯାଉଛି । ପାରମ୍ପରିକ ଧାନ ଚାଷ ସହିତ ବିକଳ୍ପ ଫସଲ ଚାଷ କରି ଚାଷୀମାନେ ଅଧିକ ଆର୍ଥିକ ଲାଭ ପାଇପାରିବେ ବୋଲି କୃଷି ବିଶେଷଜ୍ଞମାନେ ମତ ଦେଉଛନ୍ତି। ମସଲା ଚାଷରେ ଉତ୍ପାଦନ ବୃଦ୍ଧି ସହ ଗୁଣବତ୍ତା ରକ୍ଷା, ଉନ୍ନତ ବିହନ, ଆଧୁନିକ ଚାଷ ପ୍ରଣାଳୀ ଓ ରୋଗପୋକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଚାଷୀଙ୍କୁ ଆବଶ୍ୟକ ପ୍ରଶିକ୍ଷଣ, କୃଷି ବିଭାଗର ପରାମର୍ଶ ଓ ଉନ୍ନତ ଚାଷ ପ୍ରଣାଳୀ ଯୋଗାଇ ଦିଆଗଲେ ଏହି ଚାଷ ଅଧିକ ଲାଭଜନକ ହୋଇପାରିବ। ଏଥିସହ ଚାଷୀମାନଙ୍କୁ ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ମିଳିବା ପାଇଁ ବଜାର ବ୍ୟବସ୍ଥାକୁ ସୁଦୃଢ଼ କରିବା ମଧ୍ୟ ଜରୁରୀ। (ଅବଶିଷ୍ଟ। ପୃଷ୍ଠା-୩ରେ)





କୋଶଳ ସମ୍ବାଦ

ଶନିବାର ୨୧ ନଭେମ୍ବର ୨୦୨୬



ବିକାଶର ଚମକ ଭିତରେ ଲୁଚି ରହିଥିବା ଜନସାଧାରଣଙ୍କ ମୌଳିକ ସମସ୍ୟା



ପ୍ରଫୁଲ୍ଲ ରୋହିଦାସ
ସଂପାଦକ- କୋଶଳ ସମ୍ବାଦ
ଉଜ୍ୱଳପୁର ସୁନ୍ଦରଗଡ଼

ଆଜି ଦେଶ ବିକାଶର ନୂଆ ନୂଆ ପଥରେ ଆଗକୁ ବଢୁଛି। ରାସ୍ତାଘାଟ, ବଡ଼ ବଡ଼ ସେତୁ, ଶିଳ୍ପ ପ୍ରତିଷ୍ଠାନ, ଆଧୁନିକ ରେଳପଥ ଓ ଡିଜିଟାଲ୍ ବ୍ୟବସ୍ଥା ଆମ ଉନ୍ନତିର ପରିଚୟ ହୋଇଛି। ସରକାରୀ ଯୋଜନା ଓ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ଦେଶକୁ ଆଗକୁ ନେବା ପାଇଁ ଅନେକ ପ୍ରୟାସ ଚାଲିଛି। କିନ୍ତୁ ଏହି ବିକାଶର ଚମକ ଭିତରେ ଆଜି ମଧ୍ୟ ଗ୍ରାମା ଳର ଅନେକ ଲୋକ ମୌଳିକ ସୁବିଧା ପାଇଁ ସଂଘର୍ଷ କରୁଛନ୍ତି।

ଗାଁରେ ଭଲ ରାସ୍ତା ନାହିଁ, ଅନେକ ସ୍ଥାନରେ ପାନୀୟ ଜଳର ସମସ୍ୟା ରହିଛି, ସ୍ୱାସ୍ଥ୍ୟସେବା ପାଇଁ ଲୋକଙ୍କୁ ଦୂରଦୂରାନ୍ତ ଯିବାକୁ ପଡୁଛି। ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ଅନେକ ଅସୁବିଧା ଦେଖାଯାଉଛି। ଯେଉଁଠି ଡାକ୍ତର, ଶିକ୍ଷକ ଓ ଆବଶ୍ୟକ କର୍ମଚାରୀଙ୍କ ଅଭାବ ରହିଛି, ସେଠାରେ କେବଳ ଯୋଜନା ଘୋଷଣା କରିଦେଲେ ଜନସାଧାରଣଙ୍କ ସମସ୍ୟାର ସମାଧାନ ହୋଇପାରିବ ନାହିଁ।

ବିକାଶର ପ୍ରକୃତ ଅର୍ଥ କେବଳ ବଡ଼ ବଡ଼ ପ୍ରକଳ୍ପ ନିର୍ମାଣ ନୁହେଁ। ଜଣେ ଗରିବ ଲୋକ ନିଜ ଗାଁରେ ସୁବିଧାରେ ଚିକିତ୍ସା ପାଇବା, ଜଣେ ଛାତ୍ର ଭଲ ଶିକ୍ଷା ପାଇବା, ଜଣେ କୃଷକ ନିଜ ଫସଲର ଉଚିତ ମୂଲ୍ୟ ପାଇବା ଏବଂ ଜଣେ ସାଧାରଣ ନାଗରିକ ସରକାରୀ କାର୍ଯ୍ୟାଳୟରେ ନିଜ କାମ ପାଇଁ ଅନାବଶ୍ୟକ ହଇରାଣ ନହେବା ମଧ୍ୟ ବିକାଶର ମାପକାଠି।

ସରକାର ଯେତେ ଯୋଜନା କରନ୍ତୁ, ଯଦି ସେହି ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରୁନାହିଁ, ତେବେ ତାହାର ଉଦ୍ଦେଶ୍ୟ ଅଧୁରା ରହିଯିବ। ଏଥିପାଇଁ ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା, ଦାୟିତ୍ୱବୋଧ ଓ ନିୟମିତ ତଦାରଖ ଅତ୍ୟନ୍ତ ଆବଶ୍ୟକ। ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ସମୟସୀମା ମଧ୍ୟରେ ସମାଧାନ କରିବା ହେଉଛି ଏକ ଉତ୍ତମ ଶାସନର ପରିଚୟ।

ଜନପ୍ରତିନିଧିମାନେ ମଧ୍ୟ କେବଳ ନିର୍ବାଚନ ସମୟରେ ଲୋକଙ୍କ ନିକଟକୁ ନୁହେଁ, ସାରା ବର୍ଷ ଜନସାଧାରଣଙ୍କ ସମସ୍ୟା ଶୁଣିବା ଓ ସମାଧାନ ପାଇଁ ପ୍ରୟାସ କରିବା ଉଚିତ। ଗାଁର ଛୋଟ ସମସ୍ୟା ହେଉ କି ସହରର ବଡ଼ ସମସ୍ୟା, ପ୍ରତ୍ୟେକ ସମସ୍ୟାର ସମାଧାନ ପ୍ରତି ସମାନ ଗୁରୁତ୍ୱ ଦିଆଗଲେ ହିଁ ଲୋକଙ୍କ ମନରେ ବ୍ୟବସ୍ଥା ପ୍ରତି ଆସ୍ଥା ବଢ଼ିବ।

ଆଜି ଆବଶ୍ୟକତା ହେଉଛି ବିକାଶର ଗତି ସହିତ ଜନସାଧାରଣଙ୍କ ଜୀବନମାନକୁ ମଧ୍ୟ ଉନ୍ନତ କରିବା। ଯେଉଁ ବିକାଶ ଗରିବ, ମଧ୍ୟବିତ୍ତ, କୃଷକ, ଶ୍ରମିକ ଓ ଗ୍ରାମବାସୀଙ୍କ ଜୀବନରେ ପରିବର୍ତ୍ତନ ଆଣିପାରିବ, ସେହି ବିକାଶ ହିଁ ପ୍ରକୃତ ଓ ସ୍ଥାୟୀ ବିକାଶ। ବିକାଶର ମୂଲ୍ୟ କେବଳ ଉଦଘାଟନୀ ଫଳକରେ ନୁହେଁ, ଲୋକଙ୍କ ମୁହଁରେ ଫୁଟୁଥିବା ହସରେ ମାପିବା ଉଚିତ।

ଶ୍ରୀଶ୍ରୀ ସୀତାରାମ ମଠ ପ୍ରାଙ୍ଗଣରେ ୨୫ତମ କାର୍ତିକେଶ୍ୱର ପୂଜା



ଢେଙ୍କାନାଳ, ୨୦/୧୧: ଢେଙ୍କାନାଳ ସହର ବାଜିଚୌକସ୍ଥିତ ଶ୍ରୀ ଶ୍ରୀ ସୀତାରାମ ମଠ ପ୍ରାଙ୍ଗଣରେ ୨୫ତମ କାର୍ତିକେଶ୍ୱର ପୂଜା ମହାଆଡମ୍ବର ସହିତ ଆରମ୍ଭ ହୋଇଯାଇଛି। ଗତ ୧୯ ତାରିଖ ସଂଧ୍ୟା ସମୟରେ ଅଧିବାସ ପୂଜା ସହିତ ଜୀବଦାନ କରାଯାଇଥିଲା । ପ୍ରତ୍ୟେକ ଦିନ ତିନି ପ୍ରହର ପୂଜା କରାଯାଉଥିବା ବେଳେ ସଂଧ୍ୟାରେ ୧୦୮ ଦୀପରେ ଆଳତି କରାଯାଉଅଛି । ଆସନ୍ତା ୨୪ ତାରିଖ ପୂର୍ଣ୍ଣିମା ସଂଧ୍ୟାରେ ଭକ୍ତମାନଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କରାଯିବ । ପୂଜକ ଜଗନ୍ନାଥ ତ୍ରିପାଠୀ ଓ କର୍ତା ଗଦାଧର ସାହୁ ପୂଜାକୁ ସମ୍ପାଦନ କରୁଥିବାବେଳେ ସଭାପତି ବୁନୁ ବେହେରା, କର୍ମକର୍ତା ସନାତନ ସିଂ, ଅଜିତ୍ ସାହୁ, ଦୀପୁ ଦାଶ, ସୁବାଷ ରାଉତ, ସୁଶାନ୍ତ ସାହୁ ପ୍ରମୁଖ ପୂଜା କାର୍ଯ୍ୟକୁ ପରିଚାଳନା କରୁଛନ୍ତି । ଅଂଚଳର ବହୁ ଭକ୍ତ ଯୋଗଦେଇ ଶ୍ରୀଶ୍ରୀ କାର୍ତିକେଶ୍ୱରଙ୍କ ଆଶୀର୍ବାଦ ଗ୍ରହଣ କରିବା ସହିତ ପୂଜାକୁ ସଫଳ କରିଥିଲେ ।

ରାଜଗାଙ୍গପୁର ସହରରେ କବି ସମ୍ମିଳନୀ ଓ ମୁସାୟରାର କାର୍ଯ୍ୟକ୍ରମ ଅନୁଷ୍ଠିତ



ରାଜଗାଙ୍গପୁର (ରିପୋର୍ଟ-ରମେଶ ସୋନି): ବିଶ୍ୱ ଉର୍ଦ୍ଦୁ ଦିବସ ଉପଲକ୍ଷେ ରାଜଗାଙ୍গପୁର ଉର୍ଦ୍ଦୁ କଲ୍ଚରାଲ ଶୋସାଇଟି ଆନୁକୂଲ୍ୟରେ ଆଜାଦ୍ ରୋଡ଼ ସ୍ଥିତ ମୁସଲିମ ମ୍ୟାରେଜ ହଲ୍‌ରେ ଅଖିଳ ଭାରତୀୟ ମୁସାୟରାର ସଫଳ ଆୟୋଜନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସହରର ପ୍ରତିଷ୍ଠିତ ବ୍ୟବସାୟୀ ତଥା ସମାଜ ସେବୀ ଶ୍ରୀ ଆନନ୍ଦ ଅଗ୍ରୱାଲ (ପପୁ ବାବୁ) ମୁଖ୍ୟ ଅତିଥି ଭାବେ ଏବଂ ସମ୍ମାନିତ ଅତିଥି ଭାବେ ଭୂତପୂର୍ବ ଭାଇସ ଚେୟାରମେନ ଇଫତ୍ତାର ଅହମଦ,ଓ ଉଦ୍ୟୋଗପତି ପବନ ଗାଡୋଦିଆ ଯୋଗଦେଇଥିଲେ। ରାଜଗାଙ୍গପୁର ଉର୍ଦ୍ଦୁ କଲ୍ଚରାଲ ଶୋସାଇଟିର ସଭାପତି ଶ୍ରୀ ହୃଦୟାନନ୍ଦ ସିଂ, କାର୍ଯ୍ୟକାରୀ ସଭାପତି ଶ୍ରୀ ଦେବରଞ୍ଜନ ବିନୋଦ, ସଚିବ ଅଫଜାଲ ବେଦାର, ଶମ୍ଭୁ ସିଂ ପ୍ରଭୃତି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ କାର୍ଯ୍ୟ କରିଥିବା ବେଳେ ଜନାବ ଅନୱର ଅଫଜଲ ଜୈଦୀ ନିମନ୍ତିତ ଅତିଥି ତଥା ରାଜଗାଙ୍গପୁର ବାସିନ୍ଦା ଏବଂ ଓଡ଼ିଶାର ନାମ ପ୍ରଖ୍ୟାତ ସାୟର ଜନାବ ୟୁସୁଫ ଜମାଲ ସାହେବ, ଡଃ କୁମାର ପ୍ରଜାପତି, ନାସିର ଫର୍ଜ, ଅଫଜାଲ ବେଦାର, ମୁମ୍ବାଇରୁ ଆସିଥିବା ତାଜମୁଲ୍ଲ ହୁସେନ ଜାହିଦ, ବନାରସରୁ ବିଭା ଶୁକ୍ଲା, ରାଜସ୍ଥାନ କୋଟାରୁ ନେନା ନସିବ, ଗଞ୍ଜି ଲିୟରରୁ ଢୋଲପୁରୀ, ମଧ୍ୟ ପ୍ରଦେଶରୁ ଡଃ ଜଲିଲୁର ରହମାନଙ୍କ ପରିଚୟ ପ୍ରଦାନ କରିବା ସହିତ ବିଭିନ୍ନ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ମାଧ୍ୟମରେ ତାଙ୍କୁ ମଞ୍ଚ ଉପରେ ପୁଷ୍ପ ଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧନା ଦେବା ପାଇଁ ଆହ୍ୱାନ କରିଥିଲେ ଏବଂ ସମସ୍ତଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଥିବା କବି ଏବଂ ସାୟର ଓ ସାୟରା ମାନେ ନିଜ ନିଜ ପ୍ରତିଭା କବିତା, ନଜମ୍ ଓ ସାୟରି ଉପସ୍ଥାପନ କରି ଦେଶରେ ଭାଇଚାରା, ଭାଷା, ସଂସ୍କୃତି, ପରମ୍ପରା ଉପରେ ଆଲୋକପାତ କରୁଥିବା ବେଳେ ଶ୍ରୋତା ମାନେ ତାଙ୍କୁ କରତାଳି ଦେଇ ଉତ୍ସାହିତ ଏବଂ ସମ୍ମାନିତ କରୁଥିଲେ। କାର୍ଯ୍ୟକ୍ରମକୁ ଅର୍ଦ୍ଧ ରାତ୍ରି ପର୍ଯ୍ୟନ୍ତ ଲୋକେ ଉପଭୋଗ କରୁଥିଲେ ଏବଂ କବି ଓ ସାୟର ମାନଙ୍କ ଭୁରି ଭୁରି ପ୍ରଶଂସା କରିଥିଲେ।

ୟୁଥ୍ ବ୍ରିଗେଡ୍ ଟିମ୍‌କୁ ନେଇ ବିଜେଡିରେ ଉତ୍ସାହ

ଭୁବନ: ବିଜୁ ଜନତା ଦଳର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଢେଙ୍କାନାଳ ଜିଲ୍ଲା ଯୁବ ବିଜେଡିର ପୁନର୍ଗଠନ କରାଯାଇଛି । ଏଥିରେ ସ୍ଥାନ ପାଇଥିବା ୟୁଥ୍ ବ୍ରିଗେଡ୍ ମାନଙ୍କୁ ନେଇ ବିଜେଡି ମହଲରେ ବିପୁଳ ଉତ୍ସାହ ଓ ଆନନ୍ଦ ପ୍ରକାଶ ପାଇଛି। ପ୍ରାପ୍ତ ସୂଚନାନୁଯାୟୀ ଭୁବନ ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ଭାବେ ଯୁବ ନେତା ରାକେଶ ଆଇଚ, ଭୁବନ ଏନ୍ ଏ ସି ସଭାପତି ଭାବେ ସିଲୁ ନାୟକ ଏବଂ ଢେଙ୍କାନାଳ ଜିଲ୍ଲା ଯୁବ ସମ୍ପାଦକ ଭାବେ ମୁରଲୀ ମୋହନ ମାହୁନ୍ତଙ୍କୁ ଦାୟିତ୍ୱ ଦିଆଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ କାମାକ୍ଷାନଗର ଏନ୍ ଏ ସି ସଭାପତି ବିନୋଦ ବିହାରୀ ସେଠୀ, ବ୍ଲକ ସଭାପତି ବିନୟ କୁମାର ପରିଡ଼ା, ଜିଲ୍ଲା ଯୁବ ଉପ ସଭାପତି ଶ୍ରୁତିପଦ ନନ୍ଦ, ଜିଲ୍ଲା ଯୁବ ସୋସିଆଲ ମିଡିଆ ସଂଯୋଜକ ଗଣେଶ ମହାକୁଡ଼, ଜିଲ୍ଲା ଯୁବ ସାଧାରଣ ସମ୍ପାଦକ ଭାବେ ସଞ୍ଜୟ କୁମାର ପରିଡ଼ା, ଶିବ ପ୍ରସାଦ ନାୟକ, ଜଗବନ୍ଧୁ ସାହୁ, ଜିଲ୍ଲା ଯୁବ ସମ୍ପାଦକ ଭାବେ ବନମାଳୀ ରାଉଳ, ରଶ୍ମି ରଞ୍ଜନ ସାହୁ, ଶ୍ରୀଧର ବିଶ୍ୱାଳ, ଜିତେନ୍ଦ୍ରିୟ ସାମଲ, ଦିଲ୍ଲୀପ ରଞ୍ଜନ ସାହୁ,କୃଷ୍ଣ ଚନ୍ଦ୍ର ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରେ ଆସନ୍ତା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଓ ପୌର ନିର୍ବାଚନରେ ସଫଳତା ହାସଲ ପାଇଁ ଉପରୋକ୍ତ ଯୁବ ନେତା ମାନଙ୍କ ଉପରେ ଦଳ ଭରସା କରି ଗୁରୁ ଦାୟିତ୍ୱ ଅର୍ପଣ କରିଛି। ଏହା ପଦବୀ ନୁହେଁ ଆମ ଉପରେ ଭରସା କରି ଯେଉଁ ଦାୟିତ୍ୱ ଦିଆଯାଇଛି ତାହାକୁ ଆମେ ନିଷ୍ଠାର ସହ ପାଳନ କରିବୁ ବୋଲି ମତବ୍ୟକ୍ତ କରିବା ସହ ଏଥିପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ବରିଷ୍ଠ ଉପ ସଭାପତି ଦେବୀ ପ୍ରସାଦ ମିଶ୍ର, ୟୁଥ୍ ଆଇକନ୍ ଭୁବନ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

୫ ବର୍ଷ ହେଲା ବସଷ୍ଟାଣ୍ଡରେ ଜୀବନ ବିତାଉଛନ୍ତି ୭୦ ବର୍ଷୀୟ ବୃଦ୍ଧ

ନା ମିଳୁଛି ଚିକିତ୍ସା, ନା ମିଳୁଛି ଭତ୍ତା; ପ୍ରଶାସନର ସହାୟତାକୁ ଅପେକ୍ଷା



ହେମଗିର, ସୁନ୍ଦରଗଡ଼(ରିପୋର୍ଟ: ଦାତାରାମ ଶତନାମୀ): ସରକାର ଅସହାୟ ଓ ନିରାଶ୍ରୟ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କରୁଥିବା ବେଳେ ଜଣେ ୭୦ ବର୍ଷୀୟ ବୃଦ୍ଧ ଆଜି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଅତ୍ୟନ୍ତ ଦୁର୍ଦ୍ଦଶାରେ ଜୀବନ କାଟୁଥିବା ଘଟଣା ସାମ୍ନାକୁ ଆସିଛି। ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକ ଅନ୍ତର୍ଗତ ମୁଣ୍ଡରକ୍ଷେତ ଗ୍ରାମ ପଞ୍ଚାୟତର ପୁଡ଼ାଜଲଙ୍ଗା ଗ୍ରାମର ବାସିନ୍ଦା ରାମପ୍ରସାଦ ଉର୍ମାଲ, ପିତା ଭାଗବତିଆ ଉର୍ମାଲ। ତାଙ୍କ ବୟସ ଆନୁମାନିକ ୭୦ ବର୍ଷ। ଗତ ପ୍ରାୟ ପାଞ୍ଚ ବର୍ଷ ଧରି ସେ ମାନସିକ ଅସୁସ୍ଥତାରେ ପୀଡ଼ିତ ଥିବା କୁହାଯାଉଛି। ଏବେ ସେ ଗର୍ଜନଯୋର ବସଷ୍ଟାଣ୍ଡର ଯାତ୍ରୀ ପ୍ରତୀକ୍ଷାଳୟକୁ ନିଜର ଆଶ୍ରୟସ୍ଥଳୀ କରିଛନ୍ତି। ଲୋକଙ୍କୁ ମାଗିଯାଚି ଯାହା ମିଳୁଛି, ସେଥିରେ ତାଙ୍କ ଦିନ କଟୁଛି। ତାଙ୍କ କହିବା ଅନୁସାରେ, ତାଙ୍କ ପାଖରେ ଆଧାର କାର୍ଡ ନାହିଁ କି ରାସନ କାର୍ଡ ନାହିଁ। ଏପରିକି ବାର୍ଦ୍ଧକ୍ୟ ଭତ୍ତା ମଧ୍ୟ ମିଳୁନାହିଁ। କେବେ ଖାଇବାକୁ ମିଳୁଛି ତ କେବେ ଭୋକ ଉପାସରେ ଦିନ କାଟିବାକୁ ପଡୁଛି। ନା ଅଛି ରହିବା ପାଇଁ ଘର, ନା ମିଳୁଛି ଉପଯୁକ୍ତ ଚିକିତ୍ସା ସେବା। ନିଜର କେହି ନଥିବା କହି ନିଜ ଦୁଃଖ ଓ ଦୁର୍ଦ୍ଦଶା ବଖାଣିଛନ୍ତି ରାମପ୍ରସାଦ। ଏଭଳି ଜଣେ ଅସହାୟ ବୃଦ୍ଧଙ୍କ ଅବସ୍ଥା ପ୍ରଶାସନିକ ବ୍ୟବସ୍ଥା ଉପରେ ଅନେକ ପ୍ରଶ୍ନ ଠିଆ କରିଛି। ତୁରନ୍ତ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା, ଚିକିତ୍ସା, ଖାଦ୍ୟ, ସୁରକ୍ଷିତ ଆଶ୍ରୟ ଏବଂ ଆବଶ୍ୟକୀୟ ପରିଚୟପତ୍ର ସହ ସରକାରୀ ଯୋଜନାରେ ସାମିଲ କରିବାକୁ ସ୍ଥାନୀୟ ପ୍ରଶାସନ ଓ ଜନପ୍ରତିନିଧିଙ୍କ ନିକଟରେ ଦାବି ହେଉଛି। ଜଣେ ଅସହାୟ ବୃଦ୍ଧଙ୍କୁ ମର୍ଯ୍ୟାଦାର ସହ ବଞ୍ଚିବାର ସୁଯୋଗ ମିଳିବ କେବେ? ଏବେ ସମସ୍ତଙ୍କ ନଜର ପ୍ରଶାସନର ପଦକ୍ଷେପ ଉପରେ।

ବାତ୍ୟା ଭୟ, ଫସଲ ନଷ୍ଟ ଆଶଙ୍କା : ଖୋଲିନି ମଣ୍ଡି, କମ୍ ଦରରେ ବିକ୍ରି ହେଉଛି କପା



ଗୁଣୁପୁର, ୨୦/୧୧ : ଦକ୍ଷିଣ ଓଡ଼ିଶାର ଧଳା ସୁନା କୁହାଯାଉଥିବା କପା ଚାଷ ଉପରେ ଘୋଟିଛି ବାତ୍ୟାର କଳା ବାଦଲ। ମାସକ ମଧ୍ୟରେ ଦୁଇ ଦୁଇଟି ବାତ୍ୟା ଚାଷୀଙ୍କ ଚିନ୍ତା ବଢ଼ାଇଛି। ଫସଲ ନଷ୍ଟ ଭୟରେ ଅପରିପକ୍ୱ କପା ତୋଳିବାକୁ ବାଧ୍ୟ ହେଉଛନ୍ତି ଚାଷୀ। ମଣ୍ଡି ଖୋଲିନଥିବାରୁ ଦଲାଲଙ୍କ ଶୋଷଣର ଶିକାର ହେଉଛନ୍ତି। ସରକାରୀ ଧାର୍ଯ୍ୟ ଦର କ୍ୱି ।ଲ ପିଛା ୭ ହଜାର ୨୦୦ ଟଙ୍କା ଥିବା ବେଳେ ୬ ରୁ ୭ ହଜାର ଟଙ୍କାରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଚଳିତ ବର୍ଷ ଗୁଣୁପୁର କୃଷି ଜିଲ୍ଲାରେ ପ୍ରାୟ ୨୪ ହଜାର ୧୯୪ ହେକ୍ଟର ଜମିରେ କପା ଚାଷ ହୋଇଛି। ଗୁଡ଼ାରୀ ବ୍ଲକରେ ୪ ହଜାର ୫୩୫, ଗୁଣୁପୁର ବ୍ଲକରେ ୬ ହଜାର ୧୬୪, ପଦ୍ମପୁର ବ୍ଲକରେ ୩ ହଜାର ୩୮୦ ଏବଂ ରାମନାଗୁଡ଼ା ବ୍ଲକରେ ୧୦ ହଜାର ୪୦୫ ହେକ୍ଟର ଜମିରେ ଏହି ଚାଷ ହୋଇଛି। ଭଲ ଅମଳ ସହ ଦୁଇ ପଇସା ରୋଜଗାର ଆଶାରେ ଚାଷୀ କପା ଚାଷ କରିଥିଲେ। ଅମଳ ସମୟରେ ବାତ୍ୟା ସେମାନଙ୍କ ଆଶାକୁ ଧୋଇ ଦେଇଛି। ପୂର୍ବ ବାତ୍ୟାରେ ବର୍ଷା ଓ ପବନ ଯୋଗୁଁ କପା ଫୁଲ ଝଡ଼ିବା ସହ ଅପରିପକ୍ୱ କପା ଅମଳ କରିବାକୁ ପଡ଼ିଥିଲା। ଯଦ୍ୱାରା ଉତ୍ପାଦନ ଓ ଆୟ ଉଭୟ ପ୍ରଭାବିତ ହୋଇଥିଲା ।ସେଥିରୁ ମୁକୁଳି ନଥିବା ବେଳେ ପୁଣି ଏକ ବାତ୍ୟା ଚାଷୀଙ୍କ ଚିନ୍ତା ବଢ଼ାଇଛି। ଗଛରେ ସବୁ ଫଳ ପାକଳ ହୋଇନଥିବା ସତ୍ତ୍ୱେ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବା ଆଶଙ୍କାରେ ଚାଷୀ ବାଧ୍ୟ ହୋଇ ଅମଳ କରୁଛନ୍ତି। ଯଦ୍ୱାରା କପାର ଗୁଣବତ୍ତା ଓ ବଜାର ମୂଲ୍ୟ ହ୍ରାସ ପାଇବାର ଆଶଙ୍କା ରହିଛି। ମଣ୍ଡି ଖୋଲିବାରେ ବିଳମ୍ବ ଚାଷୀଙ୍କ ସମସ୍ୟାକୁ ଆହୁରି ବଢ଼ାଇଛି। ରାଜ୍ୟ ବାହାରର ବ୍ୟବସାୟୀ ଏବଂ ଦଲାଲ ସକ୍ରିୟ ହୋଇ ପଡ଼ିଛନ୍ତି। ସରକାରୀ ଧାର୍ଯ୍ୟ ଦରଠାରୁ କମ୍ ମୂଲ୍ୟରେ କପା କିଣୁଥିବା ଚାଷୀ ଅଭିଯୋଗ କରିଛନ୍ତି।ଏନେଇ ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲୀପ କହିଛନ୍ତି, ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ କପା ମଣ୍ଡି ପାଇଁ ପଞ୍ଜୀକରଣ ଜାରି ରହିବ। ଡିସେମ୍ବର ୧୦ ତାରିଖରୁ ମଣ୍ଡି ଖୋଲାଯିବ। ବାତ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଚାଷୀଙ୍କ ଅମଳ କପାକୁ ଗଚ୍ଛିତ ରଖିବା ପାଇଁ ନିୟନ୍ତ୍ରିତ ବଜାର କମିଟି ଗୁଣୁପୁରଠାରେ ବ୍ୟବସ୍ଥା କରିଛି।

ଅଦିନିଆ ବର୍ଷାରେ ଚାଷୀଙ୍କ ଚିନ୍ତା ବଢ଼ିଲା ଧାନ ଅମଳ ସମୟରେ ଫସଲ ନଷ୍ଟ ଆଶଙ୍କା, ପନିପରିବା ଚାଷୀ ମଧ୍ୟ ଚିନ୍ତିତ

ଝାରସୁଗୁଡ଼ା : ଧାନ ଅମଳର ଗୁରୁତ୍ୱପୂର୍ଣ୍ଣ ସମୟରେ ଅଦିନିଆ ବର୍ଷା ଝାରସୁଗୁଡ଼ା ଜିଲ୍ଲାର ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ବର୍ଷା ହୋଇଥିବାରୁ ଧାନ ଫସଲ ସମେତ ପନିପରିବା ଚାଷ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବା ଆଶଙ୍କା ଦେଖାଦେଇଛି। ଅମଳ ଉପଯୋଗୀ ଧାନ ଜମିରେ ପଡ଼ି ରହିବା ସହ ଖଳାରେ ଥିବା ଧାନ ଓଦା ହୋଇ ନଷ୍ଟ ହେବାର ଆଶଙ୍କା ଚାଷୀଙ୍କୁ ଚିନ୍ତିତ କରିଛି। ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ବର୍ଷା ରିପୋର୍ଟ ଅନୁଯାୟୀ, ଗତ ୨୪ ଘଣ୍ଟାରେ ଜିଲ୍ଲାରେ ମୋଟ ୨୫.୧ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ହାରାହାରି ବର୍ଷାର ପରିମାଣ ୫.୦୨ ମିଲିମିଟର ରହିଛି। ବ୍ଲକ୍‌ବାରୀ ବର୍ଷାର ପରିମାଣ ହେଲା ଝାରସୁଗୁଡ଼ାରେ ୫.୨ ମି.ମି., କୋଲାବିରାରେ ୬.୪ ମି.ମି., ଲଇକେରାରେ ୨.୧ ମି.ମି., କିର୍ମିରାରେ ୨.୦ ମି.ମି. ଏବଂ ଲଖନପୁରରେ ସର୍ବାଧିକ ୯.୪ ମି.ମି. ବର୍ଷା ରେକର୍ଡ ହୋଇଛି। ବର୍ତ୍ତମାନ ଧାନ ଅମଳ ଓ ଖଳାରେ ଧାନ ଶୁଖାଇବାର ସମୟ ହୋଇଥିବାରୁ ଏହି ବର୍ଷା ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ବର୍ଷା ଯୋଗୁଁ ପାଚିଲା ଧାନ ଫସଲ ନଷ୍ଟ ହେବା ସହ ଧାନର ମାନ ହ୍ରାସ ପାଇବା ଏବଂ ପନିପରିବା ଚାଷରେ କ୍ଷତି ହେବାର ସମ୍ଭାବନା ରହିଛି। ଫଳରେ ଚାଷୀଙ୍କ ଆର୍ଥିକ ସ୍ଥିତି ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିପାରେ। ଏଭଳି ସ୍ଥିତିରେ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ଆବଶ୍ୟକ ପରାମର୍ଶ ଓ ସହଯୋଗ ଯୋଗାଇଦେବା ସହ କ୍ଷତିଗ୍ରସ୍ତ ଫସଲର ସ୍ଥିତି ଅନୁଧ୍ୟାନ କରିବାକୁ ଚାଷୀ ମହଲରେ ଦାବି ହେଉଛି। ଅଦିନିଆ ବର୍ଷା ଯୋଗୁଁ ସମ୍ଭାବ୍ୟ କ୍ଷତିକୁ ନେଇ ଚାଷୀକୁଳ ଏବେ ହତାଶ ହୋଇପଡ଼ିଛନ୍ତି।

ଜୟପୁରରେ ପିଆଜ ଦର କିଲୋ ୬୦ : ଖାଉଟୀ ହନ୍ତସନ୍ତ

ଜୟପୁର : ଜୟପୁର ରେ ପିଆଜ ଖୁଚୁରା ଦର କିଲୋଗ୍ରାମ୍ ପିଛା ୬୦ ଟଙ୍କାରେ ପହଂଚିଛି । ଏହା ଖାଉଟିଙ୍କ ଚିନ୍ତା ବଢ଼ାଇ ଦେଇଛି। ପାଇକାରୀ ବଜାରରେ ପିଆଜ ଦର ପୂର୍ବରୁ ୩୦ରୁ ୪୦ ଟଙ୍କାରେ ବିକ୍ରି ହେଉଥିଲା। ଏବେ ଏହା ୫୦ରୁ ୫୧ ଟଙ୍କା ମଧ୍ୟରେ ବିକ୍ରି ହେଉଛି । ପାଇକାରୀ ଦର ଯାହା ରହିଛି ସେହି ଅନୁସାରେ ଖୁଚୁରା ଦର କୌଣସି ପରିସ୍ଥିତିରେ ୫୦ ଟଙ୍କାରୁ ଅଧିକ ରହିବା ଉଚିତ ନୁହେଁ । କିନ୍ତୁ ଖୁଚୁରା ଦର ନିୟନ୍ତ୍ରଣରେ ନାହିଁ । କେତେକ ଦୋକାନରେ ପିଆଜ କିଲୋଗ୍ରାମ୍ ପିଛା ୬୦ ଟଙ୍କାରେ ଏବଂ ଆଉ କେତେକ ଦୋକାନରେ ୭୦ ଟଙ୍କାରେ ବିକ୍ରି ହେଉଛି । ପିଆଜ ଦର ଉପରେ ସରକାର ନିୟନ୍ତ୍ରଣ ହରାଇଥିବା ଭଳି ମନେ ହେଉଛି।

କୋଶଳ ସମାଜ

ଶନିବାର ୨୧ ନଭେମ୍ବର ୨୦୨୬



ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରର ବିକାଶ ନେଇ ବୈଠକ

୧୨୪ ଜଣ ବୁଣାକାର ହିତାଧିକାରୀ ଚୟନ

ଝାରସୁଗୁଡ଼ା: ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନସ୍ଥ 'ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ବିକାଶ ଯୋଜନା' ଏବଂ ହସ୍ତଶିଳ୍ପ କ୍ଷେତ୍ରର ସାମଗ୍ରିକ ବିକାଶ ନିମନ୍ତେ ଜିଲ୍ଲାସ୍ତରୀୟ ପରିଚାଳନା କମିଟି ବୈଠକ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶିକା ମୋନାଲିସା ପଟେଲ, ଜିଲ୍ଲା ନିଯୁକ୍ତି ତଥା ଦକ୍ଷତା ବିକାଶ ଅଧିକାରୀ ସଙ୍ଗୀତା ମେହେରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ଉନ୍ନୟନମୂଳକ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ।ବୈଠକର ପ୍ରଥମ ପର୍ଯ୍ୟାୟରେ 'ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ବିକାଶ ଯୋଜନା' ଅଧୀନରେ ହସ୍ତତନ୍ତ ହିତାଧିକାରୀଙ୍କ ଚୟନ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା। ଏଥିରେ ମୋଟ ୧୨୪ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ତିନୋଟି ପ୍ରମୁଖ ଉପାଦାନ ଯଥା— ତନ୍ତର କଂକ୍ରିଟିକରଣ, ମୌଳିକ ବୟନ ତାଲିମ ଏବଂ କ୍ଷେତ୍ର ପରିଦର୍ଶନ ନିମନ୍ତେ ଚୟନ କରାଯାଇଛି। ଏହି ଅବସରରେ ପଲସଦା ଗ୍ରାମର ବୁଣାକାରମାନେ ନିଜସ୍ୱ ଜମି ପଟ୍ଟା ନଥିବା କାରଣରୁ ୱାର୍କସେଡ୍ ପାଇଁ ଆବେଦନ କରିପାରୁନଥିବା ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ଚହ୍ୱାଣ ସେମାନଙ୍କର ସମସ୍ୟା ଶୁଣିବା ପରେ ତୁରନ୍ତ 'ବସୁନ୍ଧରା' ଯୋଜନା ମାଧ୍ୟମରେ ଜମି ପଟ୍ଟା ପାଇବା ପାଇଁ ଆବେଦନ କରିବାକୁ ପରାମର୍ଶ ଓ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ, ସମ୍ବଲପୁରୀ ଟାଏ ଆଣ୍ଡ ଡାଏ ସୋସାଇଟିର ସଭାପତି ସୋସାଇଟି ଗୃହ ନିର୍ମାଣ ପାଇଁ ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଏହି ପ୍ରସ୍ତାବକୁ ଗୁରୁତ୍ୱ ଦେଇ ଜମି ଆବଣ୍ଟନ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଲଖନପୁର ତହସିଲଦାରଙ୍କୁ ପତ୍ର ଲେଖିବାକୁ ଜିଲ୍ଲାପାଳ ସୁନ୍ଦରଗଡ଼ ସହକାରୀ ବୟନ ନିର୍ଦ୍ଦେଶକ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକର ଦ୍ୱିତୀୟ ପର୍ଯ୍ୟାୟରେ ହସ୍ତଶିଳ୍ପ କ୍ଷେତ୍ରର ବିକାଶ ସମ୍ପର୍କିତ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଜିଲ୍ଲାରେ ଦୁଇଟି ନୂତନ ୱାର୍କସେଡ୍ ନିର୍ମାଣ ପ୍ରସ୍ତାବକୁ କମିଟି ପକ୍ଷରୁ ଅନୁମୋଦନ ପ୍ରଦାନ କରାଯାଇଛି। ତହଁସହିତ, ଲଖନପୁର ବ୍ଲକ ଅନ୍ତର୍ଗତ ରେମେଣ୍ଡାଠାରେ ଚାଲିଥିବା 'କ୍ରାଫ୍ଟ ଭିଲେଜ୍' କାର୍ଯ୍ୟକ୍ରମ ପାଇଁ ମାଷ୍ଟର କ୍ରାଫ୍ଟସ୍ ପର୍ସନ ପରିବର୍ତ୍ତନ ପ୍ରସ୍ତାବକୁ ମଧ୍ୟ ବୈଠକରେ ମଞ୍ଜୁରୀ ମିଳିଛି।

ରେଳବାଇ ପ୍ରକଳ୍ପର ସୁଗମ କାର୍ଯ୍ୟକାରିତା ପାଇଁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ପୁଡାପାଲି ଗ୍ରାମ ପରିଦର୍ଶନ

ଝାରସୁଗୁଡ଼ା : ରେଳବାଇ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ ଏବଂ ସୁଗମ କରିବା ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ପୁଡାପାଲି ଗ୍ରାମ ପରିଦର୍ଶନ କରିଛନ୍ତି। ଏହି ଗସ୍ତ ସମୟରେ ଜିଲ୍ଲାପାଳଙ୍କ ସହ ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର ମଧ୍ୟ ଉପସ୍ଥିତ ରହିଥିଲେ। ଗ୍ରାମ ପରିଦର୍ଶନ ଅବସରରେ ଜିଲ୍ଲାପାଳ ପ୍ରଥମେ ପୁଡାପାଲି ପ୍ରାଥମିକ ବିଦ୍ୟାଳୟର ସ୍ଥାନାନ୍ତରଣ କାର୍ଯ୍ୟର ତଦାରଖ କରିଥିଲେ। ଏହାପରେ ସେ ଗ୍ରାମର ଗ୍ରାମଦେବୀଙ୍କୁ ପରିଦର୍ଶନ କରି ସେଠାକାର ସ୍ଥିତି ମଧ୍ୟ ଅନୁଧ୍ୟାନ କରିଥିଲେ। ରେଳବାଇ ପ୍ରକଳ୍ପ କାର୍ଯ୍ୟରେ ଯେପରି କୌଣସି ବାଧା ସୃଷ୍ଟି ନହୁଏ, ସେଥିପାଇଁ ବିଦ୍ୟାଳୟ ଏବଂ ଗ୍ରାମଦେବୀ ପୀଠକୁ ଅନ୍ୟ ଏକ ଉପଯୁକ୍ତ ସ୍ଥାନକୁ ସ୍ଥାନାନ୍ତର କରିବା ଦିଗରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଏହି ଗସ୍ତ ସମୟରେ ଜିଲ୍ଲାପାଳ ଚହ୍ୱାଣ ସ୍ଥାନୀୟ ଗ୍ରାମବାସୀଙ୍କ ସହ ସିଧାସଳଖ ଆଲୋଚନା କରି ଗ୍ରାମର ବିଭିନ୍ନ ମୌଳିକ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ। ବିଶେଷ କରି ଗ୍ରାମରେ ପାନୀୟ ଜଳ ଯୋଗାଣ, ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା, କମ୍ୟୁନିଟି ସେଣ୍ଟର ନିର୍ମାଣ, ଗ୍ରାମ୍ୟ ରାସ୍ତାର ଉନ୍ନତିକରଣ ଏବଂ ବିଦ୍ୟାଳୟର ପାଚେରୀ ନିର୍ମାଣ ଆଦି ବିଷୟରେ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗ୍ରାମବାସୀଙ୍କ ସମସ୍ତ ଦାବି ଓ ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ଖୁବଶୀଘ୍ର ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଶାସନର ଏହି ତତ୍ପରତାକୁ ସ୍ଥାନୀୟ ଅଂଚଳବାସୀ ସ୍ୱାଗତ କରିଛନ୍ତି।

ପଂଚୁକରେ ବେଲପାହାଡ଼ ମନ୍ଦିରରେ ଭକ୍ତଙ୍କ ଭିଡ଼, ସମଡ଼ାକଂଟା ପୋଖରୀର ଦୁରବସ୍ଥାରେ ଶ୍ରଦ୍ଧାଳୁ ହନ୍ତସନ୍ତ

ଝାରସୁଗୁଡା: କାର୍ତିକ ମାସର ପବିତ୍ର ପଂଚୁକ ଅବସରରେ ବେଲପାହାଡ଼ ସହରର ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ଲାଗି ରହିଛି। ମାସସାରା କାର୍ତିକ ବ୍ରତ ପାଳନ କରୁଥିବା ଶ୍ରଦ୍ଧାଳୁଙ୍କ ସମେତ ପଂଚୁକର ପାଂଚ ଦିନ ଠାକୁରଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ବହୁ ସଂଖ୍ୟାରେ ଭକ୍ତ ମନ୍ଦିରକୁ ଆସୁଛନ୍ତି। ସକାଳୁ ଶ୍ରଦ୍ଧାଳୁମାନେ ବିଭିନ୍ନ ଜଳାଶୟରେ ସ୍ନାନ କରିବା ପରେ ମନ୍ଦିରରେ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳୁଛି। ପଂଚୁକର ଧାର୍ମିକ ମହତ୍ୱ ଯୋଗୁଁ ସହରର ବିଭିନ୍ନ ମନ୍ଦିରରେ ଭଜନ, କୀର୍ତନ ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଆୟୋଜିତ ହେଉଛି। ଏହାକୁ ନେଇ ସମଗ୍ର ଅଂଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ସମଡ଼ାକଂଟା ଅଂଚଳରେ ଥିବା ପୋଖରୀର ଦୟନୀୟ ଅବସ୍ଥା ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ପଂଚୁକ ଭଳି ପବିତ୍ର ଅବସରରେ ଏହି ପୋଖରୀରେ ସ୍ନାନ କରିବାକୁ ବହୁ ଲୋକ ଆସୁଥିବା ବେଳେ ପୋଖରୀର ଅପରିଷ୍କାର ପରିବେଶ ଓ ଆବଶ୍ୟକୀୟ ସୁବିଧାର ଅଭାବ ଯୋଗୁଁ ସେମାନେ ନାନା ଅସୁବିଧା ଭୋଗୁଛନ୍ତି। ପୋଖରୀର ସଫେଇ, ପରିମଳ ବ୍ୟବସ୍ଥା ଓ ସ୍ନାନ ପାଇଁ ଆବଶ୍ୟକ ସୁବିଧା ପ୍ରତି ଦୀର୍ଘଦିନ ଧରି ଉଚିତ ଧ୍ୟାନ ଦିଆଯାଉନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପଂଚୁକ ସମୟରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢୁଥିବାରୁ ପୋଖରୀର ସ୍ୱଚ୍ଛତା ରକ୍ଷା ସହ ସ୍ନାନ ପାଇଁ ସୁରକ୍ଷିତ ଓ ଉପଯୁକ୍ତ ବ୍ୟବସ୍ଥା କରିବା ଜରୁରୀ ହୋଇପଡ଼ିଛି। ଏ ଦିଗରେ ବେଲପାହାଡ଼ ପୌର ପରିଷଦ ଓ ସମ୍ପୃକ୍ତ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ସମଡ଼ାକଂଟା ପୋଖରୀର ସଫେଇ ଓ ଉନ୍ନତିକରଣ କରିବାକୁ ସ୍ଥାନୀୟ ଶ୍ରଦ୍ଧାଳୁ ଓ ଜନସାଧାରଣ ଦାବି କରିଛନ୍ତି।

ଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ବ୍ଲକସ୍ତରୀୟ କୃଷକ କମିଟି ଗଠନ ଉଦ୍ୟମ

୨୯ରେ ସିଂହାରପୁରରେ ହେବ ସାଂଗଠନିକ ବୈଠକ

ଝାରସୁଗୁଡା: ଆଗାମୀ ଖରିଫ ଧାନ କିଣାବିକା ସମୟରେ ଚାଷୀମାନେ ସମ୍ମୁଖୀନ ହେବାକୁ ଥିବା ବିଭିନ୍ନ ସମସ୍ୟାର ସମାଧାନ ସହ ଚାଷୀଙ୍କ ହକ୍ ଓ ସ୍ୱାର୍ଥର ସୁରକ୍ଷା ପାଇଁ ଲଖନପୁର ବ୍ଲକ କୃଷକ ସଂଗଠନକୁ ଅଧିକ ସୁଦୃଢ଼ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ ଏକ ନୂତନ, କର୍ମଠ ଓ କ୍ରିୟାଶୀଳ ବ୍ଲକସ୍ତରୀୟ କୃଷକ କମିଟି ଗଠନ କରିବାକୁ ଚାଷୀ ପ୍ରତିନିଧିମାନେ ପ୍ରସ୍ତାବ ଗ୍ରହଣ କରିଛନ୍ତି।ଏନେଇ ଆଜି ଲଖନପୁର ବ୍ଲକ ଜାମଗାଁ ପଂଚାୟତସ୍ଥିତ ମା' କାଳୀଙ୍କ ମନ୍ଦିର ପରିସରରେ ବ୍ଲକର ବିଭିନ୍ନ ଅଂଚଳର ଚାଷୀ ପ୍ରତିନିଧିଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କୃଷକ ସଂଗଠନର ସଚିବ ଗୋପୀନାଥ ମାଝୀ ଏଥିରେ ଅଧ୍ୟକ୍ଷତା କରିଥିଲେ।ବୈଠକରେ ଆଗାମୀ ଖରିଫ ଧାନ କିଣାବିକା ସମୟରେ ଚାଷୀମାନେ ସମ୍ମୁଖୀନ ହେଉଥିବା ତଥା ଭବିଷ୍ୟତରେ ଦେଖାଦେବାକୁ ଥିବା ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଚାଷୀଙ୍କ ସମସ୍ୟାକୁ ସଂଗଠିତ ଭାବେ ପ୍ରଶାସନ ନିକଟରେ ଉପସ୍ଥାପନ କରିବା ସହ ତୃଣମୂଳସ୍ତରରେ କୃଷକ ସଂଗଠନକୁ ଅଧିକ ସକ୍ରିୟ ଓ ମଜଭୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।ଏହି ଅବସରରେ ଆସନ୍ତା ୨୯ ତାରିଖ ସକାଳ ୧୦ଟାରେ ସିଂହାରପୁରସ୍ଥିତ ଝାଡ଼େଶ୍ୱର ମନ୍ଦିର ପରିସରରେ ବ୍ଲକସ୍ତରୀୟ ସାଂଗଠନିକ ବୈଠକ ଆୟୋଜନ କରି ନୂତନ କୃଷକ କମିଟି ଗଠନ କରିବାକୁ ନିଷ୍ପତି ହୋଇଥିଲା। ବୈଠକରେ ସଂଗଠନର ପ୍ରବକ୍ତା ବିରଂଚି ସାହୁ, ରନ୍ଧାକର ଖମାରୀ, ଗିରୀଶ ଖମାରୀ, ଜଗବନ୍ଧୁ ସା, ଅନୀଲ ବାରିକଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ଚାଷୀ ହିମାଂଶୁ ଭୂଷଣ ପଧାନ ବୈଠକର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପସ୍ଥାପନ କରିଥିବା ବେଳେ ମହେନ୍ଦ୍ର କୁମାର ସାଏ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଜାମଗାଁ ଗ୍ରାମର ଯୁବ ଚାଷୀମାନେ ବୈଠକ ଆୟୋଜନରେ ସହଯୋଗ କରିଥିଲେ।

କୋଲାବିରା କଲେଜରେ ସଡ଼କ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲା କୋଲାବିରାସ୍ଥିତ ପଂଚାୟତ ସମିତି ସ୍ୱାତକ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଓଡ଼ିଶା ପକ୍ଷରୁ ଶୁକ୍ରବାର ସଡ଼କ ସୁରକ୍ଷା ପ୍ରଶିକ୍ଷଣ, ସଡ଼କ ସୁରକ୍ଷା ପରିକ୍ରମା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ କଲେଜ ର ଅଧକ୍ଷ ସୁଶିଲ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଆରଟିଓ ତପନ କୁମାର ବିଶ୍ୱାଳ ମୁଖ୍ୟଅତିଥି ଓ କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡ଼ା. ସରୋଜ କୁମାର ସାହୁ ମୁଖ୍ୟବକ୍ତା ଭାବରେ ଯୋଗଦେଇ ସଡ଼କ ସୁରକ୍ଷାରେ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏଥିରେ ପଂଚାୟତ ସମିତି ଯୁକ୍ତ ୨ କଲେଜ ଅଧକ୍ଷା ଶୋଭାରାଣୀ ସିଂ, ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ଜଗଦୀଶ ପ୍ରଧାନ, ପୂର୍ବ ଜିଲ୍ଲା ସଂଯୋଜକ ସୁରେନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ସଭାକୁ ଯୁବ ରେଡକ୍ରସ ଉପଦେଷ୍ଟା ସରୋଜ କୁମାର ପଟେଲ ସଂଯୋଜନା କରିଥିଲେ । ଏଥିରେ ଜିଲ୍ଲାର ବିଭିନ୍ନ କଲେଜରୁ ରେଡକ୍ରସ ସ୍ୱେଚ୍ଛାସେବୀ ଓ ଉପଦେଷ୍ଟା ଯୋଗଦେଇଥିଲେ । ସଡ଼କ ସୁରକ୍ଷା ଉପରେ ଅନୁଷ୍ଠିତ ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

ଭିତର ପୃଷ୍ଠାର ଅବଶିଷ୍ଟାଂଶ

ଅର୍ଣ୍ଣବ, ମୁରାସୁ ପରେ ଅକଭାନ୍ : ଫସଲ ଉଜାଡ଼ି ଚାଷୀଙ୍କ...

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)ଅଧିକ ବର୍ଷା ଯୋଗୁଁ କିଛି ସ୍ଥାନରେ ଧାନ ବିଲରେ ପାଣି ଜମି ରହିଛି ତ ଆଉ କିଛି ଜମିରେ ଧାନ ଗଛ ଶୋଇ ଯାଇଛି। ଦିନେ ଦୁଇ ଦିନ ମଧ୍ୟରେ ଟାଣ ଖରା ନହେଲେ ଏହି ଧାନ ଗଜା ହୋଇଯିବ । ଯାହାକୁ ଏବେ ଅମଳ କରିବା ପାଇଁ ଦୁଇ ଗୁଣା ଅଧିକ ଖର୍ଚ୍ଚ ହେବ। କେନ୍ଦୁଝର ଜିଲ୍ଲାରେ ଭୟଭୀତ ହୋଇ ଅନେକ ଚାଷୀ କ । ଧାନକୁ ମଧ୍ୟ କାଟି ନେଇଥିବା ଜଣାପଡ଼ିଛି । ଚଳିତବର୍ଷ ଜିଲ୍ଲାରେ ୧ ଲକ୍ଷ ୭୫ ହଜାର ୩୫୭ ହେକ୍ଟର ଜମିରେ ଧାନ ଚାଷ କରାଯାଇଛି । ସେଥିମଧ୍ୟରୁ ୪୦ ପ୍ରତିଶତ ଧାନ କଟାଯାଇଥିବା କୃଷି ବିଭାଗ ପକ୍ଷରୁ କୁହାଯାଇଛି । ହାଟଡିହି ବ୍ଲକରେ ସର୍ବାଧିକ ୪୯ ମିଲିମିଟର ବର୍ଷା ହୋଇଥିବାବେଳେ ବିଭିନ୍ନ ଅ ଳର ଚାଷ ଜମି ଏବେ ଜଳମଗ୍ନ । ଧାନ କିଆରୀରେ ବର୍ଷା ଜଳ ଜମି ରହିବା ସହ ଅଧିକାଂଶ ଜମିରେ ଧାନ ଗଛ ଭୂମିଶାୟୀ ହୋଇ ପଡ଼ିଛି। ଧାନ ଗଛରେ ଫୁଲ ଧରିବା ସହ ଧାନ କ୍ଷୀର ଓ ଦାନା ଧରିବା ପ୍ରକ୍ରିୟା ଚାଲିଥିବାବେଳେ ବାତ୍ୟାର ପ୍ରଭାବ ଫସଲକୁ ଗୁରୁତର ଭାବେ ପ୍ରଭାବିତ କରିଛି । ବର୍ଷା ଓ ପବନରେ ଧାନ ଗଛଗୁଡ଼ିକ ଶୋଇ ପଡ଼ିବା ସହ ଅନେକ ସ୍ଥାନରେ ଧାନ ଫୁଲ ଝଡ଼ି ପଡ଼ିଥିବା ଦେଖିବାକୁ ମିଳିଛି । ବର୍ଷକର ଆଶା ଓ ପରିଶ୍ରମକୁ ନେଇ ଯେଉଁ ଚାଷୀ ଅମଳ ଦିନକୁ ଅପେକ୍ଷା କରିଥିଲା, ସେହି ଚାଷୀଙ୍କ ପାଇଁ ଏବେ ବାତ୍ୟା 'ଅକଭାନ୍' ଦୁଃଖର କାରଣ ପାଲଟିଛି । ବାତ୍ୟା ପ୍ରଭାବରେ ୩ ଦିନ ଧରି ପୁରା ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ଓ ହାଲୁକା ପବନ ହେଉଛି । ଫଳରେ ବିଭିନ୍ନ ବ୍ଲକରେ ଧାନ ଚାଷ କିଛି ମାତ୍ରାରେ ଉଜାଡ଼ି ଦେଇଛି । କେଣ୍ଡା ଧରିଥିବା ଧାନ ଗଛରେ ପାଣି ଲାଗି ରହି ଅତ୍ୟଧିକ ଭାରା ସୃଷ୍ଟି କରିଥିଲା । ଶୁକ୍ରବାର ହୋଇଥିବା ପବନରେ ଅନେକ ଜମିରେ ଧାନ ଗଛ ଭାରା ସମ୍ଭାଳି ନପରି ମାଟିରେ ଲୋଟି ଯାଇଛି । ଅବିଶ୍ରାନ୍ତ ବର୍ଷା ଯୋଗୁଁ କ୍ଷେତରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଥିବାରୁ ଧାନ କେଣ୍ଡା ବୁଡ଼ି ରହିଛି । ୪୮ ଘଣ୍ଟା ପରେ ପ୍ରଶାସନିକ ପ୍ରାଥମିକ ଆଖି ଦେଖା ଆକଳନ ରିପୋର୍ଟ ମିଳିବା ପରେ କିଛି କୁହାଯାଇପାରିବ ବୋଲି ଜିଲ୍ଲା ଜରୁରିକାଳୀନ ଅଧିକାରୀ ଅନୁଶ୍ରବ ଗନ୍ତାୟତ କହିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାର ୯ଟି ବ୍ଲକରେ ପ୍ରାୟ ୧ ଲକ୍ଷ ୨୪ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଥିଲା । ତେବେ ଚଳିତବର୍ଷ ବାରୟାର ବାତ୍ୟା ଓ ବର୍ଷା ଫଳରେ ୬୦% ଫସଲ ନଷ୍ଟ ହୋଇଥିବା ଆକଳନ କରାଯାଉଛି । ରାଜନଗର ବ୍ଲକ୍ ଅଧୀନ ସାତଭାୟାରେ ସାମୁଦ୍ରିକ ଝଡ଼ ପ୍ରଭାବରେ ଅଧିକାଂଶ ଚାଷ ଜମି ଲୁଣା ପାଣି ମାଡ଼ି ବୁଡ଼ି ପଡ଼ିଥିଲା । ଅବଶିଷ୍ଟ ଜମିରେ ଚାଷ ହୋଇଥିଲା କିଛି ଧାନ ଅମଳ କରି ପରିବାର ପ୍ରତିପୋଷଣ ପାଇଁ ଚାଷୀମାନେ ଆଶା ରଖିଥିବା ବେଳେ ଏବେ ପ୍ରବଳ ବର୍ଷା ଫଳରେ ଚାଷଜମି ନଷ୍ଟ ହୋଇଯାଇଛି । ଚଳିତବର୍ଷ ଭଦ୍ରକ ଜିଲ୍ଲାର ମୋଟ ୧.୬୨ ଲକ୍ଷ ହେକ୍ଟର ଚାଷ ଜମିରୁ ୧.୩୬ ଲକ୍ଷ ହେକ୍ଟରରେ ଧାନ ଚାଷ ହୋଇଛି । ସେଥି ମଧ୍ୟରୁ ଭଦ୍ରକ, ବନ୍ତ ଓ ବାସୁଦେବପୁର ବ୍ଲକରେ ୪୦% ଧାନ ଅମଳଯୋଗ୍ୟ । ଆଉ ୧୫ ଦିନ ମଧ୍ୟରେ ଏହି ଧାନ ଖଳାକୁ ଆସିଥାନ୍ତା । କିନ୍ତୁ ବାତ୍ୟା ଦ୍ୱାରା ଅମଳ ବିଳମ୍ବ ହେବା ସହିତ ୧୦ ପ୍ରତିଶତ ଧାନ ନିଶ୍ଚିତ କ୍ଷତି ହେବ ବୋଲି ଚାଷୀମାନେ ଆକଳନ କଲେଣି । ସୁନ୍ଦରଗଡ଼ ଜିଲ୍ଲାରେ ୧.୮୬ ହେକ୍ଟର ଜମିରେ ଚାଷ ହୋଇଥିଲା । ଅମଳ ବି ଆରମ୍ଭ ହୋଇଥିଲା । ହେଲେ ଗୁରୁଣ୍ଡିଆରେ ୩୦ ମିଲିମିଟର ବର୍ଷା ଓ ଲହୁଣିପଡ଼ାରେ ୨୪ ମିଲିମିଟର ବର୍ଷା ହୋଇଛି । ଏଭଳି ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ଯୋଗୁଁ କେଉଁଠି ଧାନ ଗଛ ବିଲରେ ଶୋଇଲାଣି ତ ଆଉ କେଉଁଠି ପାଣିରେ ବୁଡ଼ିଲାଣି । ଫଳରେ ଚାଷ ନଷ୍ଟ ହେବା ଆଶଙ୍କା ବଢ଼ିଛି । ଧାନ ସହ ପନିପରିବା ଚାଷ ବି ନଷ୍ଟ ହୋଇଛି । ବଲାଙ୍ଗୀରରେ ୧.୮୭ ହେକ୍ଟର ଜମିରେ ଚାଷ ହୋଇଥିବା ବେଳେ ୨୭ ମିଲିମିଟର ବର୍ଷା ହୋଇଥିବାରୁ ଅନୁରୂପ ସ୍ଥିତି ଦେଖିବାକୁ ମିଳିଛି । ଗଜପତିରେ ୩୩ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଥିବା ବେଳେ ୩୫ ଶହେ ହେକ୍ଟରରେ ପନିପରିବା ଓ ମକା ଚାଷ ହୋଇଥିଲା । ତେବେ ବାତ୍ୟା ଓର୍ଣ୍ଣାବ ବେଳେ ୧୮୦୦ ହେକ୍ଟର ଚାଷ ନଷ୍ଟ ହୋଇଛି । ମାତ୍ର ଏବେ ବିଶେଷ କ୍ଷତି ହୋଇନି ବୋଲି ଜିଲ୍ଲା ଅତିରିକ୍ତ କୃଷି ଅଧିକାରୀ ରବୀନ୍ଦ୍ର କୁମାର ଆଢ଼େକ କହିଛନ୍ତି । ଓର୍ଣ୍ଣାବ ବାତ୍ୟା ଓ ବର୍ଷା ଯୋଗୁଁ କନ୍ଧମାଳ ଜିଲ୍ଲାରେ ସମୁଦାୟ ୨୦୨୩ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଛି । ସେଥି ମଧ୍ୟରେ ରହିଛି ୧୧୬୫ ହେକ୍ଟର ଧାନ ଓ ପ୍ରାୟ ୫୦୦ ହେକ୍ଟରରେ ଅନ୍ୟାନ୍ୟ ଫସଲ ନଷ୍ଟ ହୋଇଛି । ଉଦ୍ୟାନ କୃଷି ବିଭାଗର ରିପୋର୍ଟ ଅନୁସାରେ ଜିଲ୍ଲାରେ ୪୦୯.୯୫ ହେକ୍ଟର ଜମିରେ ପରିବା ଚାଷ ମଧ୍ୟ ନଷ୍ଟ ହୋଇଛି । ଖରିଫ୍ରେ ସମ୍ବଲପୁର ଜିଲ୍ଲାରେ ପ୍ରାୟ ୧.୨୭ ଲକ୍ଷ ହେକ୍ଟର ଜମିରେ ଧାନ ଚାଷ ହୋଇଛି । ତେବେ ବାତ୍ୟା ଫଳରେ ଜିଲ୍ଲାରେ ବ୍ୟାପକ ଚାଷ ନଷ୍ଟ ହୋଇଛି ବୋଲି ଜିଲ୍ଲା କୃଷକ ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର ସୂଚନା ଦେଇଛନ୍ତି । ଖରିଫ ଧାନ ଅମଳ ଚାଲିଥିବା ବେଳେ ବର୍ଷା ଯୋଗୁଁ କିଛି ସ୍ଥାନରେ ଅମଳ ହୋଇ ପଡ଼ି ରହିଥିବା ଚାଷ ନଷ୍ଟ ହୋଇଥିବା ଶ୍ରୀ ଠାକୁର ଅଭିଯୋଗ କରିଛନ୍ତି । କଳାହାଣ୍ଡି ଜିଲ୍ଲାର ୧ ଲକ୍ଷ ୮୨ ହଜାର ୨୭୫ ହେକ୍ଟର ଜମିରେ ଧାନ ଚା

କୋଶଳ ସମ୍ବାଦ

ଅନ୍ତର୍ଜାତୀୟ ଖବର

ଟ୍ରମ୍ପ୍-ପୁଟିନ୍-ଜିନ୍‌ପିଙ୍ଗଙ୍କ ତ୍ରିପାକ୍ଷିକ ବୈଠକ: ଶାନ୍ତି ଓ ସ୍ଥିରତା ବଜାୟ ପାଇଁ ପ୍ରତିବଦ୍ଧ



ଶେନ୍‌ଝେନ୍: ଚୀନ୍‌ର ଶେନ୍‌ଝେନ୍ ସହରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ଗୁରୁବାର ଐତିହାସିକ ତ୍ରିପାକ୍ଷିକ ବୈଠକ କରିଛନ୍ତି। ପ୍ରଥମ ଥର ପାଇଁ ତିନି ଶକ୍ତିଶାଳୀ ରାଷ୍ଟ୍ରର ନେତା ଏକାଠି ବସି ବିଶ୍ୱ ହିତକୁ ଦେଇଛନ୍ତି ପ୍ରାଥମିକତା । ତ୍ରିପାକ୍ଷିକ ବୈଠକରେ ୩ ନେତା ୪ଟି ପ୍ରମୁଖ ସଂକଳ୍ପ କରିଛନ୍ତି । ପରମାଣୁ ଯୁଦ୍ଧ କେବେ ଜିତାଯାଇ ପାରିବ ନାହିଁ ଏବଂ ଏହା ଲଢ଼ାଯିବା ଉଚିତ ବି ନୁହେଁ ବୋଲି ମତ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ପରମାଣୁ ଅସ୍ତ୍ରର ପ୍ରସାରକୁ ରୋକିବା ଏବଂ ଏହାର ବିପଦକୁ କମାଇବା ଲାଗି ଆଲୋଚନା ଜାରି ରଖିବାକୁ ବଦ୍ଧପରିକର ହୋଇଛନ୍ତି ।

ଜିନ୍‌ପିଙ୍ଗ୍ ପରମାଣୁ ଅସ୍ତ୍ରକୁ ମାନବତା ମୁଣ୍ଡ ଉପରେ ଝୁଲୁଥିବା ଖଣ୍ଡା ବିବେଚନା କରିଛନ୍ତି । ପରମାଣୁ ଅସ୍ତ୍ରକୁ ସମ୍ପୂର୍ଣ୍ଣ ଶେଷ କରିବା ଲାଗି ସେ ଆହ୍ୱାନ ଦେଇଛନ୍ତି । ପୁଟିନ କହିଛନ୍ତି, ରୁଷ୍, ଚୀନ୍ ଏବଂ ଆମେରିକା ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବିଜୟୀ ହୋଇଥିଲେ । ତେଣୁ ଦୁନିଆରେ ଶାନ୍ତି ଓ ସୁରକ୍ଷା ବଜାୟ ରଖିବାର ଦାୟିତ୍ୱ ମଧ୍ୟ ଏହି ୩ ଦେଶ ଉପରେ ରହିଛି । ୩ ଦେଶର ପ୍ରଥମ ତ୍ରିପାକ୍ଷିକ ବୈଠକକୁ ନେଇ ଟ୍ରମ୍ପ୍ ବହୁତ ଖୁସି ବୋଲି କହିଛନ୍ତି ।

ତିନି ଦେଶର ନେତା ବିଶ୍ୱରେ ଶାନ୍ତି ଓ ସ୍ଥିରତା ବଜାୟ ଲାଗି ନିଜ ଦାୟିତ୍ୱ ସ୍ୱୀକାର କରିଛନ୍ତି। ଜିନ୍‌ପିଙ୍ଗ୍ ଶୀତଳ ଯୁଦ୍ଧ ମାନସିକତା ଛାଡ଼ିବାକୁ ଅପିଲ୍ କରିଛନ୍ତି । ତିନି ଦେଶ ମିଶି ବୈଶ୍ୱିକ ସ୍ଥିରତା ବଢ଼ାଇ ପାରିବେ ବୋଲି ପୁଟିନ କହିଛନ୍ତି । ମତଭେଦ ଯେତେ ଥିଲେ ବି ଆଲୋଚନା ନ ଛାଡ଼ିବାକୁ ଆହ୍ୱାନ ଦେଇଛନ୍ତି ଟ୍ରମ୍ପ୍ । ବିଶ୍ୱ ଶକ୍ତି ଯୋଗାଣରେ ସ୍ଥିରତା ଲାଗି ୩ ନେତା ଜୋର ଦେଇଛନ୍ତି । ବୈଶ୍ୱିକ ଲାଭ ନିମନ୍ତେ ନେତାମାନେ ପେଟ୍ରୋଲିୟମ ଉତ୍ପାଦଗୁଡ଼ିକର ଉତ୍ପାଦନ ବୃଦ୍ଧି ନେଇ ସହମତି ବ୍ୟକ୍ତ କରିଛନ୍ତି। ବିଶ୍ୱବ୍ୟାପୀ ଶକ୍ତି ଯୋଗାଣକୁ ବ୍ୟବସ୍ଥିତ ରଖିବା ନେଇ ସହମତ ହୋଇଛନ୍ତି । ଅନ୍ତର୍ଜାତୀୟ ଅପରାଧିକ ନ୍ୟାୟାଳୟ (ଆଇସିସି) ଏବଂ ଏଭଳି ଅନ୍ୟ ସଂସ୍ଥାମାନେ ନିଜ କ୍ଷମତାର ଦୁରୁପଯୋଗ କରିବା ଉଚିତ ନୁହେଁ ବୋଲି ୩ ନେତା ଦର୍ଶାଇଛନ୍ତି । ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ସ୍ଥାୟୀ ସଦସ୍ୟ ହୋଇଥିବା ଦୃଷ୍ଟିରୁ ଆମେରିକା, ରୁଷ ଓ ଚୀନ୍‌ର ନେତା ଜାତିସଂଘରେ ସଂସ୍କାର ଆଣିବାକୁ ନେଇ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି । ଅନ୍ତର୍ଜାତୀୟ ଶାନ୍ତି ଓ ସ୍ଥିରତା ସକାଶେ ବୈଶ୍ୱିକ ଆହ୍ୱାନକୁ ପ୍ରଭାବୀ ଢଙ୍ଗରେ ମୁକାବିଲା ଲାଗି ଏହାର ଉଦ୍ଦେଶ୍ୟ ବୋଲି ସେମାନେ କହିଛନ୍ତି ।

ତ୍ରିପାକ୍ଷିକ ବୈଠକରେ ଇରାନ ଓ ୟୁକ୍ରେନ ଯୁଦ୍ଧ ପ୍ରସଙ୍ଗରେ ଚର୍ଚ୍ଚା ହୋଇଥିଲେ ହେଁ କୌଣସି ଠୋସ ବୁଝାମଣା କିମ୍ବା ନିର୍ଯାସ ବାହାରି ନାହିଁ । ପ୍ରାୟ ୭୦ ମିନିଟ ଧରି ଏହି ବୈଠକ ବନ୍ଦ କୋଠରିରେ ହୋଇଥିଲା । ୩ ନେତା କେବଳ ଶାନ୍ତି ଘୋଷଣାନାମା ଜାରି କରିଛନ୍ତି। ଘୋଷଣାପତ୍ରରେ ଇରାନ ଯୁଦ୍ଧକୁ ନେଇ ସିଧାସଳଖ ଟିପ୍ପଣୀ ଦିଆଯାଇ ନାହିଁ ।

ଇରାନ ଉପରେ ଆକ୍ରମଣ ପାଇଁ ତାରିଖ ପରେ ତାରିଖ ଟାଳୁଛନ୍ତି ଟ୍ରମ୍ପ, କହିଲେ ନୂଆବର୍ଷ ପରେ ନେବି ନୂଆ ନିଷ୍ପତ୍ତି

ନୂଆଦିଲ୍ଲୀ : ଇରାନ-ଆମେରିକା ଯୁଦ୍ଧକୁ ନେଇ ଏକ ବଡ ବୟାନ ଦେଇଛନ୍ତି ଡୋନାଲ୍ଡ ଟ୍ରମ୍ପ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇଙ୍ଗିତ କରିଛନ୍ତି ଯେ, ସେ ଇରାନ ଉପରେ ଏକ ବଡ଼ ସାମରିକ ଆକ୍ରମଣ କରିବାକୁ ଶୀଘ୍ର ନିଷ୍ପତ୍ତି ନେବାକୁ ଚାହୁଁ ନାହାଁନ୍ତି । ସେ କହିଛନ୍ତି ଯେ, ଆସନ୍ତା ବର୍ଷ ସୁଦ୍ଧା ଏ ବିଷୟରେ ନିଷ୍ପତ୍ତି ନିଆଯାଇପାରେ । ଟ୍ରମ୍ପଙ୍କ ଏହି ବିବୃତ୍ତି ସୂଚାଇ ଦେଇଛି ଯେ ଆମେରିକା ବର୍ତ୍ତମାନ ଇରାନ ବିରୁଦ୍ଧରେ ତୁରନ୍ତ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ କୌଣସି ଯୋଜନା ସହିତ ଆଗକୁ ବଢୁନାହିଁ। ତଥାପି, ଯୁଦ୍ଧ ସମାପ୍ତ କରିବା ପାଇଁ ଦୁଇ ଦେଶ ମଧ୍ୟରେ ଆଲୋଚନା ସ୍ଥଗିତ ରହିଛି । ସାମ୍ପ୍ରତିକ ଦିନରେ, ଟ୍ରମ୍ପ ଇରାନ ଉପରେ ବିକଳ୍ପ ଭାବରେ ନୂତନ ଆକ୍ରମଣ ଧମକ ଦେଇଛନ୍ତି ଏବଂ କେତେକ ସମୟରେ ସଂଘର୍ଷ ସମାପ୍ତ ହେବାର ସମ୍ଭାବନା ବୃଦ୍ଧି କରିଛନ୍ତି । ରଏଟର୍ସ ସହିତ ଏକ ସାକ୍ଷାତକାରରେ, ଯେତେବେଳେ ଟ୍ରମ୍ପଙ୍କୁ ପଚରାଗଲା ଯେ ଆମେରିକା ଇରାନ ଉପରେ ଆଉ ଏକ ବଡ଼ ଆକ୍ରମଣ କରିପାରିବ କି ନାହିଁ, ସେ କହିଥିଲେ, 'ଆମେ ନୂତନ ବର୍ଷ ପରେ ଏହା ବିଷୟରେ କଥା ହେବୁ । ଆମ ପାଖରେ ଏବେ ବି ସମୟ ଅଛି ।' ସେ ଚୀନ୍ ଯାତ୍ରାରୁ ୱାଶିଂଟନ ଫେରିବା ସମୟରେ ଏକ ବିମାନରେ ଏହି ଆଲୋଚନା କରିଥିଲେ । ଟ୍ରମ୍ପ ଫକ୍ସ ନ୍ୟୁଜକୁ ସମାନ ପ୍ରତିକ୍ରିୟା ଦେଇ କହିଥିଲେ, 'ଦେଖିବା ଜାନୁଆରୀ ୧ ପରେ କ'ଣ ହେଉଛି ।' ଏହି ସମୟରେ, ଆକ୍ସିଓସ୍ ଏବଂ ଇସ୍ରାଏଲର ନ୍ୟୁଜ୍ ୧୨ ର ଜଣେ ସାମ୍ବାଦିକଙ୍କ ସହିତ ଆଲୋଚନାରେ ସେ କହିଥିଲେ ଯେ ସେ ଇରାନ ସମ୍ପର୍କରେ କୌଣସି ନିଷ୍ପତ୍ତି ଶୀଘ୍ର ନେବାକୁ ଯାଉନାହାଁନ୍ତି । ରିପୋର୍ଟ ଅନୁଯାୟୀ, ନଭେମ୍ବର ୩ ନିର୍ବାଚନ ପୂର୍ବରୁ ମଧ୍ୟ, ଟ୍ରମ୍ପ ବାରମ୍ବାର କହିଥିଲେ ଯେ ଇରାନ ଆମେରିକା ନିର୍ବାଚନ ପରେ ଆଲୋଚନା କରିବାକୁ ଅଧିକ ଇଚ୍ଛୁକ ହୋଇପାରେ । ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ, ରିପବ୍ଲିକାନ୍ ପାର୍ଟି ଉଭୟ ପ୍ରତିନିଧି ସଭା ଏବଂ ସେନେଟ୍ ଉପରେ ନିୟନ୍ତ୍ରଣ ହରାଇଲା । ଟ୍ରମ୍ପ ସ୍ୱୀକାର କରିଛନ୍ତି ଯେ ଇରାନ୍ ଯୁଦ୍ଧ ନିର୍ବାଚନ ପରାଜୟର ଏକ କାରଣ ଥିଲା । ଏହା ସତ୍ତ୍ୱେ, ସେ ଯୁଦ୍ଧ ଆରମ୍ଭ କରିବାର ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି । ଗତ ସପ୍ତାହରେ, ଟ୍ରମ୍ପ ପ୍ରଶାସନ ଦାବି କରିଥିଲା ଯେ, ଇରାନ ଉପରେ ଆମେରିକାର ନୌସେନା ଅବରୋଧ ଏବଂ ଆର୍ଥିକ କଟକଣା ପ୍ରଭାବ ପକାଇଛି । ଗୁରୁବାର ଦିନ, ସେନେଟ୍ ପୁଣି ଯୁଦ୍ଧକୁ ସୀମିତ କରିବା ପାଇଁ ଏକ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛି । ରିପବ୍ଲିକାନ୍ ପାର୍ଟି ଜାନୁଆରୀ ୩ ପର୍ଯ୍ୟନ୍ତ ସେନେଟ୍ ଉପରେ ନିୟନ୍ତ୍ରଣ ବଜାୟ ରଖିବ । ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ସାର୍ବଜନୀନ ଭାବରେ ଯୁଦ୍ଧରୁ ନିଜକୁ ଦୂରେଇ ରଖିଥିଲେ ଏବଂ ଦଳର ନିର୍ବାଚନ ପରାଜୟ ପାଇଁ ଏହାକୁ ଦାୟୀ କରିଥିଲେ। ଏହା ପରେ, ଟ୍ରମ୍ପ ଭାନ୍ସଙ୍କୁ ଇରାନ ସହ ଜଡିତ କୂଟନୈତିକ ମାମଲାରୁ ତାଙ୍କୁ ହଟାଇ ଘରୋଇ ପ୍ରସଙ୍ଗ ଉପରେ ଧ୍ୟାନ ଦେବାକୁ କହିଥିଲେ। ଭାନ୍ସଙ୍କ ସୋସିଆଲ ମିଡିଆ ପୋଷ୍ଟର ଜବାବରେ ଟ୍ରମ୍ପ କହିଛନ୍ତି, 'ଜେ.ଡି. ଠିକ୍ କହିଥିଲେ। ସେ ଯାହା କହିଥିଲେ ତାହା ଠିକ୍ ଥିଲା । ସେ ସ୍ୱୀକାର କରିଛନ୍ତି ଯେ ଏହି ସମ୍ପୂର୍ଣ୍ଣ ଘଟଣା ଆମର ନିର୍ବାଚନ ପରାଜୟର ଅନେକ କାରଣ ମଧ୍ୟରୁ ଗୋଟିଏ ଥିଲା । ତଥାପି, ଟ୍ରମ୍ପ ଯୁଦ୍ଧରେ ଯିବାର ନିଷ୍ପତ୍ତିକୁ ବଜାୟ ରଖି କହିଥିଲେ, 'ଯଦି ପୁଣି ସୁଯୋଗ ଦିଆଯାଏ, ତେବେ ମୁଁ କ'ଣ ସମାନ ନିଷ୍ପତ୍ତି ନେବି ? ମୋର ଉତ୍ତର ହଁ ହେବ । କାରଣ ଇରାନକୁ ପରମାଣୁ ଅସ୍ତ୍ର ହାସଲ କରିବାକୁ ଅନୁମତି ଦିଆଯାଇ ପାରିବ ନାହିଁ ।' ଇରାନ ୱାଶିଂଟନରେ 'ଡର୍ଟି ବୋମା' ବିସ୍ଫୋରଣ କରିବାକୁ ଯୋଜନା କରୁଥିବା ଦାବି କରୁଥିବା ସିଏନଏନ ରିପୋର୍ଟ ବିଷୟରେ ମଧ୍ୟ ଟ୍ରମ୍ପଙ୍କୁ ପ୍ରଶ୍ନ କରାଯାଇଥିଲା । ଏକ ଡର୍ଟି ବୋମା ହେଉଛି ଏକ ଅସ୍ତ୍ର ଯାହା ରେଡିଓଆକ୍ଟିଭ୍ ସାମଗ୍ରୀ ପ୍ରସାର କରିବା ପାଇଁ ସାଧାରଣ ବିସ୍ଫୋରକ ବ୍ୟବହାର କରେ । ଯେତେବେଳେ ପଚରାଗଲା ଯେ ଆମେରିକାର ରାଜଧାନୀର ଲୋକମାନଙ୍କୁ ଏହି ବିପଦ ବିଷୟରେ ଚିନ୍ତିତ ହେବା ଉଚିତ କି, ସେ କହିଲେ, 'ମୁଁ ଏପରି ଭାବୁନାହିଁ।'

ଓକିଲରୁ ଫ୍ୟାଶନ୍ ଆଇକନ୍ ୮୨ ବର୍ଷ ବୟସରେ ବି ଚର୍ଚ୍ଚାରେ ମିସେଲ୍ ଲାମି, ଗୋଲଡ୍ରନ୍ ଦାନ୍ତ ଓ କଳା ଆଙ୍ଗୁଠି ପଛରେ ରହିଛି ରୋଚକ କାହାଣୀ

ନୂଆଦିଲ୍ଲୀ ୨୦/୧୧: ଫ୍ୟାଶନ୍ ଦୁନିଆରେ ସୁନ୍ଦରତାର ପରିଭାଷା ସମସ୍ତଙ୍କ ପାଇଁ ସମାନ ନୁହେଁ। କେହି ନିଜର ଗ୍ଲାମରସ୍ ଲୁକ୍ ପାଇଁ ଚର୍ଚ୍ଚାରେ ରହନ୍ତି ତ ଆଉ କେହି ନିଜର ଅଜବ ଅନ୍ଦାଜ ପାଇଁ ପରିଚୟ ସୃଷ୍ଟି କରନ୍ତି। ଏମିତି ଜଣେ ମହିଳା ହେଉଛନ୍ତି ମିସେଲ୍ ଲାମି। ତାଙ୍କର ଗୋଲଡ୍ରନ୍ ଦାନ୍ତ, କଳା ରଙ୍ଗରେ ରଙ୍ଗୀନ ଆଙ୍ଗୁଠି, ମୁହଁରେ ଟାଟୁ ଓ ରହସ୍ୟମୟ ଲୁକ୍ ତାଙ୍କୁ ଫ୍ୟାଶନ୍ ଜଗତରେ ଏକ ଭିନ୍ନ ପରିଚୟ ଦେଇଛି। ୧୯୪୪ ମସିହା ଏପ୍ରିଲ୍ ୨୦ରେ ଫ୍ରାନ୍ସର ଜୁରା ଅଞ୍ଚଳରେ ଜନ୍ମ ହୋଇଥିବା ମିସେଲ୍ ଏବେ ୮୨ ବର୍ଷ ବୟସରେ ପହଞ୍ଚିଛନ୍ତି। କିନ୍ତୁ ତାଙ୍କର ଜୀବନ କାହାଣୀ କୌଣସି ସାଧାରଣ ମହିଳାଙ୍କଠାରୁ ସମ୍ପୂର୍ଣ୍ଣ ଅଲଗା। ଆଶ୍ଚର୍ଯ୍ୟର କଥା, ଫ୍ୟାଶନ୍ ଜଗତକୁ ଆସିବା ପୂର୍ବରୁ ସେ ଜଣେ କ୍ରିମିନାଲ୍ ଡିଫେନ୍ସ ଓକିଲ ଥିଲେ। ଆଇନ ପାଠ ପଢ଼ିବା ସହ କିଛି ବର୍ଷ ଓକିଲାତି ମଧ୍ୟ କରିଥିଲେ। ପରେ କଳା, ପରଫର୍ମାନ୍ସ ଓ ଫ୍ୟାଶନ୍ ପ୍ରତି ଆଗ୍ରହ ତାଙ୍କୁ ଅନ୍ୟ ଏକ ଦୁନିଆକୁ ଟାଣି ନେଇଥିଲା। ୧୯୭୯ରେ ସେ ଆମେରିକାର ନ୍ୟୁୟର୍କ ଯାଇଥିଲେ। ପରେ ଲସ୍ ଆଞ୍ଜେଲସ୍‌ରେ ନିଜର ଫ୍ୟାଶନ୍ ବ୍ରାଣ୍ଡ ଆରମ୍ଭ କରିଥିଲେ। କେବଳ ସେତିକି ନୁହେଁ, ସେଠାରେ ରେଷ୍ଟୁରା ଓ ନାଇଟ୍ କ୍ଲବ୍ ମଧ୍ୟ ଚଳାଇଥିଲେ। ତାଙ୍କର **"Les Deux Cafés'** ନାମକ ରେଷ୍ଟୁରା କଳାକାର, ସେଲିବ୍ରିଟି ଓ ସଙ୍ଗୀତ ଜଗତର ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଥିଲା। ମିସେଲ୍ ଲାମିଙ୍କ ଜୀବନରେ ରିକ୍ ଓଏନ୍ସଙ୍କ ସହ ସାକ୍ଷାତ ପରେ ଆଉ ଏକ ବଡ଼ ମୋଡ଼ ଆସିଥିଲା। ରିକ୍ ଓଏନ୍ସ ଜଣେ ପ୍ରସିଦ୍ଧ ଆମେରିକୀୟ ଫ୍ୟାଶନ୍ ଡିଜାଇନର। ୧୯୯୦ରେ ମିସେଲ୍ ତାଙ୍କୁ ନିଜ ଫ୍ୟାଶନ୍ ଲେବଲ୍‌ରେ ପ୍ୟାଟର୍ନ କଟର୍ ଭାବେ ନିଯୁକ୍ତି ଦେଇଥିଲେ। ପରେ ଦୁହେଁ



ଜୀବନସାଥୀ ହେବା ସହ ବ୍ୟବସାୟିକ ସହଯୋଗୀ ମଧ୍ୟ ହୋଇଥିଲେ। ଦୁହେଁ ମିଶି ଡଙ୍ଗରଭଷ୍ମକ୍ଲବ୍ଟ୍ଟ ଗଠନ କରିଥିଲେ। ତେବେ ତାଙ୍କର ଅଜବ ଲୁକ୍ ପଛରେ ମଧ୍ୟ ରହିଛି ଏକ କାହାଣୀ। ଟ୍ୟୁବିସିଆ ଗସ୍ତ ସମୟରେ ବର୍ବର ମହିଳାଙ୍କ ଚେହେରାରେ ଥିବା ଟାଟୁ ଓ ସେମାନଙ୍କର ପ୍ରାକୃତିକ ସୁନ୍ଦରତା ତାଙ୍କୁ ପ୍ରଭାବିତ କରିଥିଲା। ସେହି ପ୍ରେରଣାରୁ ସେ ନିଜ ଆଙ୍ଗୁଠିରେ ଟାଟୁ ଓ କଳା ରଙ୍ଗର ବ୍ୟବହାର କରିଥିଲେ। ସୁନାର ଦାନ୍ତ ମଧ୍ୟ ତାଙ୍କ ଲୁକ୍‌ର ଏକ ପରିଚୟ ହୋଇଗଲା। ବୟସ ବଢ଼ିବାକୁ ନେଇ ମଧ୍ୟ ତାଙ୍କର କୌଣସି ଚିନ୍ତା ନାହିଁ। ତାଙ୍କ ମତରେ ସୁନ୍ଦରତାର ଅର୍ଥ ନିଜକୁ ଲୁଚାଇବା ନୁହେଁ, ବରଂ ନିଜର ପ୍ରକୃତ ପରିଚୟକୁ ଗ୍ରହଣ କରିବା। ଆଜି ୮୨ ବର୍ଷ ବୟସରେ ମଧ୍ୟ ମିସେଲ୍ ଲାମି ଫ୍ୟାଶନ୍, କଳା ଓ ସୃଜନଶୀଳତାର ଦୁନିଆରେ ସକ୍ରିୟ ଅଛନ୍ତି। ତାଙ୍କ ଜୀବନ ଗୋଟିଏ କଥା ଶିଖାଏ, ନିଜର ଅଲଗା ପରିଚୟ ହିଁ ଆପଣଙ୍କୁ ଭିଡ଼ ଭିତରୁ ସ୍ୱତନ୍ତ୍ର କରେ।

ଚୀନରେ ପୁଟିନଙ୍କ ସହିତ ଦେଖିବାକୁ ମିଳିଲା 'ନ୍ୟୁକ୍ଲିୟର ବ୍ରିଫକେସ୍'; କିପରି କାମ କରେ ଏହି ବିପଦପୂର୍ଣ୍ଣ ଡିଭାଇସ୍

ନୂଆଦିଲ୍ଲୀ,୨୦/୧୧: ଗୁରୁବାର, ନଭେମ୍ବର ୧୯ ତାରିଖରେ ଏସିଆ-ପ୍ରଶାନ୍ତ ମହାସାଗରୀୟ ଆର୍ଥିକ ସହଯୋଗ (APEC) ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପ୍ରଥମ ଥର ପାଇଁ ଆମେରିକା, ରୁଷ ଏବଂ ଚୀନର ରାଷ୍ଟ୍ରପତିମାନେ ଗୋଟିଏ ଟେବୁଲରେ ଏକାଠି ହୋଇଥିଲେ। ଏହି ଆଲୋଚନା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ବୈଠକରେ ଉପସ୍ଥିତ ଥିଲେ। ତିନି ନେତା ରୁଷ-ୟୁକ୍ରେନ ଯୁଦ୍ଧଠାରୁ ଆରମ୍ଭ କରି ମଧ୍ୟପ୍ରାଚ୍ୟରେ ସଂଘର୍ଷ ଏବଂ ଇରାନର ପରମାଣୁ ଶକ୍ତି ପର୍ଯ୍ୟନ୍ତ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ଶିଖର ସମ୍ମିଳନୀ ସମୟରେ ଅନ୍ୟ ଏକ ଜିନିଷ ଯାହା ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ? ତାହା ଥିଲା ଏକ ବ୍ରିଫକେସ୍। ରୁଷୀୟ ସାମରିକ ପୋଷାକ ପିନ୍ଧିଥିବା ଜଣେ ବ୍ୟକ୍ତିଙ୍କୁ ରୁଷୀୟ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହିତ ଏକ ରହସ୍ୟମୟ କଳା ବ୍ରିଫକେସ୍ ଧରି ଯାଉଥିବାର ଦେଖିବାକୁ ମିଳିଥିଲା। ଯେତେବେଳେ ରୁଷର ସରକାରୀ ଟେଲିଭିଜନ କ୍ୟାମେରା ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଥିବା ଜଣେ ନୌସେନା ଅଧିକାରୀଙ୍କ ଉପରେ ଜୁମ୍ କରିଥିଲା, ରିପୋର୍ଟର ୟେଭଗେନି ପୋପୋଭ ବ୍ରିଫକେସକୁ ଇଙ ଗିତ କରି



ଦର୍ଶକମାନଙ୍କୁ କହିଥିଲେ, 'ଏହା ଏକ ପରମାଣୁ ବ୍ରିଫକେସ୍।' ଟେଲିଭିଜନ ଶୋ'ରେ ଉପସ୍ଥିତ ଜଣେ ଅଧିକାରୀ ରିପୋର୍ଟରଙ୍କ ବକ୍ତବ୍ୟକୁ ନିଶ୍ଚିତ କରିଥିଲେ। ହସି ହସି ଅଧିକାରୀ ଜଣକ ବ୍ୟାଗକୁ ବୁଝାଇଲେ ଯେ ଏହା ସେହି ବ୍ୟାଗ ଯାହା ମାଧ୍ୟମରେ ରୁଷ ରାଷ୍ଟ୍ରପତି ତାଙ୍କ ଦେଶର ପରମାଣୁ ଅସ୍ତ୍ରଶସ୍ତ୍ରକୁ ସିଧାସଳଖ ପ୍ରବେଶ କରିପାରିବେ - ଏହାକୁ 'ଚେଗେଟ୍' କୁହାଯାଏ। ଆମେରିକାର ରାଷ୍ଟ୍ରପତି ମଧ୍ୟ ସମାନ ବ୍ୟାଗ ବହନ କରନ୍ତି, ଯାହାକୁ 'ନ୍ୟୁକ୍ଲିୟର ଫୁଟବଲ୍' କୁହାଯାଏ। ଏହା ସର୍ବଦା ତାଙ୍କ ସହିତ ରହିଥାଏ। ତଥାପି, ସେନଜେନ୍ ଶିଖର ସମ୍ମିଳନୀରେ ଆମେରିକାର ରାଷ୍ଟ୍ରପତିଙ୍କ ସହିତ ଏପରି କୌଣସି ବ୍ୟାଗ ଦେଖିବାକୁ ମିଳିନଥିଲା। ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ମଧ୍ୟ ସମାନ ବ୍ରିଫକେସ୍ ବହନ କରନ୍ତି କି ନାହିଁ ତାହା ସ୍ପଷ୍ଟ ନୁହେଁ। ରୁଷ ରାଷ୍ଟ୍ରପତିଙ୍କ ପାଖରେ ଦେଖାଯାଉଥିବା ଏହି ବ୍ରିଫକେସ୍ କେବଳ ତାଙ୍କର ଶକ୍ତି ପ୍ରଦର୍ଶନ କରିବାର ଏକ ମାଧ୍ୟମ, ନା ନେତାମାନେ ପ୍ରକୃତରେ ଏହାକୁ ଯେକୌଣସି ସମୟରେ ପରମାଣୁ ଆକ୍ରମଣ ନିର୍ଦ୍ଦେଶ ଦେବାକୁ ଅନୁମତି ଦିଏ। ଏହା ପ୍ରତିରୋଧ ରଣନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଶତ୍ରୁ ପ୍ରତିଆକ୍ରମଣର ସମ୍ଭାବନାକୁ ଅନୁଭବ କରେ, ତେବେ ସେମାନେ ଆକ୍ରମଣର ବିଚାରକୁ ପରିତ୍ୟାଗ କରିପାରନ୍ତି। ଶୀତଳ ଯୁଦ୍ଧ ସମୟରେ ଏହି ସିଷ୍ଟମଗୁଡ଼ିକ ଆମେରିକା ଏବଂ ରୁଷ (ସେତେବେଳେ ସୋଭିଏତ୍ ୟୁନିଅନ୍) ଦ୍ୱାରା ବିକଶିତ ହୋଇଥିଲା। ସେହି ସମୟରେ, ଉଭୟ ମହାଶକ୍ତିର ନେତାମାନେ ଏପରି ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି ଯେଉଁଠାରେ ସେମାନଙ୍କୁ ଅତି କମ ଚେତାବନୀ ଦେଇ ପରମାଣୁ ଆକ୍ରମଣ କରିବାକୁ ନିଷ୍ପତ୍ତି ନେବାକୁ ପଡ଼ିଥାଏ। ତଥାପି, ଲାଲ ବଟନ୍ ଉପରେ ଥିବା ଆଙ୍ଗୁଠିର ପ୍ରତିଛବି ସମ୍ପୂର୍ଣ୍ଣ ସଠିକ୍ ନୁହେଁ। ଜଣେ ନେତାଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ ସାମରିକ କର୍ମଚାରୀ ଏବଂ ଏକ ବିଶାଳ ଯୋଗାଯୋଗ ନେଟୱାର୍କ ଆବଶ୍ୟକ। ତଥାପି, ଚୂଡ଼ାନ୍ତ ନିଷ୍ପତ୍ତି ରାଷ୍ଟ୍ରପତିଙ୍କ ଉପରେ ନିର୍ଭର କରେ। ପରମାଣୁ ବୋମା ବ୍ୟବହାର କରିବା ଏତେ ସହଜ ନୁହେଁ, କାରଣ ଏହାର ପ୍ରଭାବ ଏକ ବିଶାଳ ଅଞ୍ଚଳ ଉପରେ ଅନୁଭୂତ ହୁଏ ଏବଂ ଅନେକ ଭବିଷ୍ୟତ ପିଢ଼ି ଏହା ଦ୍ୱାରା ପୀଡ଼ିତ ହେବେ। ଷ୍ଟକହୋମ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଅନୁଯାୟୀ, ବିଶ୍ୱରେ ନଅଟି ଦେଶ ପରମାଣୁ ଅସ୍ତ୍ର ରଖିଛନ୍ତି। ଏମାନଙ୍କ ମଧ୍ୟରୁ ଆମେରିକା ଏବଂ ରୁଷ ପାଖରେ ସେମାନଙ୍କର ପରମାଣୁ ଅସ୍ତ୍ର ବିଷୟରେ ସର୍ବାଧିକ ସୂଚନା ଉପଲବ୍ଧ। ଭାରତ, ଫ୍ରାନ୍ସ ଏବଂ ୟୁନାଇଟେଡ୍ କିଙ୍ଗଡମ୍ ମଧ୍ୟ ପରମାଣୁ ଅସ୍ତ୍ର ରଖିଛି। ଅନ୍ୟ ଦେଶର ସରକାରମାନେ କହିଛନ୍ତି ଯେ କିଏ ପରମାଣୁ ଅସ୍ତ୍ର ବ୍ୟବହାରକୁ ଅନୁମୋଦନ ଦେଇପାରିବେ, କିନ୍ତୁ ସେମାନଙ୍କ ନେତାମାନେ ବହନ କରୁଥିବା ଉପକରଣ ବିଷୟରେ ବହୁତ କମ୍ ସୂଚନା ପ୍ରକାଶ ପାଇଛି।

ଭାରତ : ଭାରତ ସରକାର କହିଛନ୍ତି ଯେ କେବଳ ପରମାଣୁ କମାଣ୍ଡ କର୍ତ୍ତୃପକ୍ଷଙ୍କ ରାଜନୈତିକ ପରିଷଦ ପରମାଣୁ ଅସ୍ତ୍ର ବ୍ୟବହାରକୁ ଅନୁମୋଦନ ଦେଇପାରିବ। ଏହି ପରିଷଦର ଅଧ୍ୟକ୍ଷତା ପ୍ରଧାନମନ୍ତ୍ରୀ କରନ୍ତି। ତଥାପି, ଏହା କୌଣସି ସ୍ୱତନ୍ତ୍